# ସଚେତନତା ଅଭାବ, ନକଲି ଶାଢ଼ି ବିକ୍ରି ବଢୁଛି

**ସମ୍ବଲପୁର,୨୧।୧୨(ଭବାନୀ ଶଙ୍କର ଭୋଇ)**

ଏମ୍ଏସ୍ଏମ୍ଇ ବିଭାଗ ପକ୍ଷରୁ ସମ୍ବଲପୁର ଅଇଁଠାପାଲିସ୍ଥିତ ଏକ ହେଟେଲରେ ଶନିବାର ସ୍ଥାନୀୟ ଉତ୍ପାଦଗୁଡିକର ବ୍ୟବସାୟ ଏବଂ ବ୍ରାଣ୍ଡିଂକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଆଇ ଟ୍ୟାଗ୍‌ର ଭୂମିକାକୁ ନେଇ ଆଲୋଚନା କରାଯାଇଥିଲା। କର୍ମଶାଳାରେ ଡ. ଅନୀତା ସାବତ ଏବଂ ସୂର୍ଯ୍ୟ ମିଶ୍ର ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଉତ୍ପାଦନକାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଶିଳ୍ପ ଏବଂ ବାଣିଜ୍ୟ ବିଭାଗ ଅଧୀନରେ ଜିଆଇ ଟ୍ୟାଗ୍ କରାଯିବା ବ୍ୟବସ୍ଥା ଥିବା ବେଳେ ଆଜି ପର୍ଯ୍ୟନ୍ତ ଓଡ଼ିଶାର ମାତ୍ର ୨୬ଟି ଜିନିଷକୁ ଜିଆଇ ଟ୍ୟାଗ୍ ମିଳିପାରିଥିବା ଡ. ଅନୀତ ସାବତ ସୂଚନା ଦେଇଥିଲେ। ଓଡ଼ିଶାବାସୀ ନିଜର ସ୍ଥାନୀୟ ଉତ୍ପାଦନଗୁଡିକୁ ନେଇ ସଚେତନ ନ ଥିବାରୁ ଅନେକ ସାମଗ୍ରୀ ଅନ୍ୟ ରାଜ୍ୟ ନାମରେ ଜିଆଇ ଟ୍ୟାଗ୍ ପ୍ରଦାନ କରାଯାଉଥିବା କହିବା ସହ ରସଗୋଲାର ଉଦାହରଣ ଦେଇଥିଲେ। ପଶ୍ଚିମ ଓଡ଼ିଶାର ସମ୍ବଲପୁର ବାନ୍ଧକଳାକୁ ଜିଆଇ ଟ୍ୟାଗ୍ ମଳିଥିବା ବେଳେ ଏବେ ପର୍ଯ୍ୟନ୍ତ ଅନେକ ଲୋକ ସମ୍ବଲପୁରୀ କପଡ଼ା ବିଷୟରେ ଅଧିକ ଭାବେ ଅବଗତ ହୋଇ ପାରି ନାହାନ୍ତି। ନିୟମିତ ବ୍ୟବହାର କରୁଥିବା ଲୋକେ ମଧ୍ୟ କାରଖାନାରେ ତିଆରି ହୋଇଥିବା ନକଲି ସମ୍ବଲପୁରୀ କପଡ଼ା ଏବଂ ଅସଲି ସମ୍ବଲପୁରୀ ବାନ୍ଧକୁ ଚିହ୍ନିବାରେ ସକ୍ଷମ ହୋଇ ପାରୁନାହାନ୍ତି। ସେଥିପାଇଁ ଜିଆଇ ଟ୍ୟାଗ ମଳିଥିବା ସତ୍ତ୍ୱେ ନକଲି ସମ୍ବଲପୁରୀ କପଡ଼ା ଦୋକାନ ବଜାରରେ ଅବାଧରେ ବିକ୍ରୀ ହେଉଛି। ଯାହାଦ୍ୱାରା ବାନ୍ଧଶିଳ୍ପୀମାନେ କ୍ଷତିର ସମ୍ମୁଖୀନ ହେଉଥିବା ଡ. ସାବତ କହିଥିଲେ। ରାଜ୍ୟରେ ବର୍ତ୍ତମାନ ମାତ୍ର ୩୭୯ ଜଣ ସମ୍ବଲପୁରୀ ଅଧିକୃତ ବାନ୍ଧଶିଳ୍ପୀ ଭାବେ ମାନ୍ୟ ପାଇଛନ୍ତି। ଯାହା ରାଜ୍ୟରେ ସମ୍ବଲପୁରୀ ବାନ୍ଧଶିଳ୍ପୀମାନଙ୍କ ମଧ୍ୟରେ ଜିଆଇ ଟ୍ୟାଗ ବିଷୟରେ ଅଜ୍ଞ ଥିବା ନେଇ ପ୍ରମାଣିତ କରୁଛି ବୋଲି ସେ କହିଛନ୍ତି। କର୍ମଶାଳାରେ ଅନ୍ୟତମ ଅତିଥି ମିଶ୍ର ଓଡ଼ିଶାର ବାନ୍ଧଶିଳ୍ପୀ ଏବଂ କାରିଗର ମାନଙ୍କୁ ନିଜ ଭିତରେ ପ୍ରତିଦ୍ୱନ୍ଦ୍ୱିତା ନ କରି ସହଭାଗିତା ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶାରେ ତିଆରି ହେଉଥିବା ପ୍ରତି ସାମଗ୍ରୀ ସହି ବିଭିନ୍ନ କାହାଣୀ ଜଡିତ ରହିଛି । ମାର୍କେଟିଂ ପାଇଁ ସେହି କାହାଣୀଗୁଡିକ ଗ୍ରାହକମାନଙ୍କୁ ଉତ୍ପାଦ ସହିତ ଭାବାତ୍ମ ଭାବେଜୋଡି ହେବାକୁ ସହଯୋଗ କରେ। ଏହାସହ ଉତ୍ପାଦଗୁଡିକର ସାମାଜିକ ଗଣମାଧ୍ୟମରେ ସୁନ୍ଦର ଭାବେ ଉପସ୍ଥାପନ କରି ପ୍ରଚାର ପ୍ରସାର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି କର୍ମଶାଳାକୁ ଏମ୍ଏସ୍ଏମ୍ଇ ବିଭାଗର ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାକର ରାଓ ପରିଚାଳନା କରିଥିଲେ। ଏଥିରେ ବହୁ ସଂଖ୍ୟାରେ ବାନ୍ଧଶିଳ୍ପୀ, ସମବାୟ ତଥା ଅନ୍ୟ ଉତ୍ପାଦନକାରୀ ସଂସ୍ଥା ସଦସ୍ୟମାନେ ଯୋଗଦେଇଥିଲେ।



ସ୍ଥାନୀୟ ଉତ୍ପାଦଗୁଡ଼ିକର ବ୍ୟବସାୟ ଏବଂ ବ୍ରାଣ୍ଡିଂକୁ ନେଇ ଏକ କର୍ମଶାଳାରେ ଅତିଥି ବୃନ୍ଦ।

**ଉତ୍ପାଦଗୁଡ଼ିକର ବ୍ୟବସାୟ ଏବଂ ବ୍ରାଣ୍ଡିଂକୁ ନେଇ କର୍ମଶାଳା**

# ଡକାୟତି ଯୋଜନା ପଣ୍ଡ: ୫ ଗିରଫ

**ବନ୍ଧମୁଣ୍ଡା,୨୧।୧୨(ସୁବ୍ରତ ଦେ)**

**ମୁଖ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ**

ବନ୍ଧମୁଣ୍ଡା ଥାନା ଅଧୀନ ଆର୍ଏସ କଲୋନୀରେ ଡକାୟତି ଯୋଜନା କରୁଥିବା ବେଳେ ୫ଜଣ ଯୁବକଙ୍କୁ ଶୁକ୍ରବାର ରାତିରେ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବନ୍ଧମୁଣ୍ଡା ଇ-ସେକ୍ଟରର ଉମେଶ ତନ୍ତୀ (୩୨), ଅଭିଷେକ ବଞ୍ଜୋର (୧୯),ଏ-ସେକ୍ଟର ମୁଖୀ ବସ୍ତିର ଭୋଲା ବଞ୍ଜୋର (୩୭), ଡି-ସେକ୍ଟର ଗୁଣ୍ଡିଚାପାଲ୍ଲିର ସୋନିଦେବ ଜଗଦଲ୍ଲା(୩୦),ରାଉରକେଲା ସେକ୍ଟରର ଖରିୟାବାହାଲ ବସ୍ତିର ସୁରଜ ସୁନା (୨୧)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟରେ ହଜାର କରିଛି। ଏହି ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ୨ଟି ଖଣ୍ଡା, ଟର୍ଚ୍ଚ ଲାଇଟ୍, ମଦ ବୋତଲ ସମେତ ଅନେକ ପ୍ରକାରର ଲୁହା ରଡ ଜବତ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଫେରାର ଆସାମୀଙ୍କୁ ଧରିବା ପାଇଁ ଉଦ୍ୟମ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ବନ୍ଧମୁଣ୍ଡା ଥାନାର ସବ୍ ଇନ୍ସପେକ୍ଟର ମନସା ସାହୁ ଏବଂ ପୋଲିସ ଟିମ୍ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ବିଶେଷ ସୂତ୍ରରେ ସୂଚନା ପାଇଥିଲେ ଆରଏସ କଲୋନୀ ଛକ ନିକଟରେ ୫-୬ ଜଣ ସଶସ୍ତ୍ର ଯୁବକ ସନ୍ଦେହଜନକ ଅବସ୍ଥାରେ ଅଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚିଲା ପରେ ଅଭିଯୁକ୍ତମାନେ ନିକଟସ୍ଥ ପାହାଡ ଆଡକୁ ଦୌଡିବାକୁ ଲାଗିଥିଲେ। ହେଲେ ପୋଲିସ ୫ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ମାତ୍ର ଜଣେ ଫେରାର ହୋଇଯାଇଥିଲେ। ପୋଲିସ କହିଛି, ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତମାନେ ବିଶ୍ରା ଅଞ୍ଚଳର ଏକ ପେଟ୍ରୋଲ ପମ୍ପରେ ଡକାୟତି କରିବାକୁ ଯୋଜନା କରିଥିଲେ।

# ୯ ଶ୍ରମିକ ଉଦ୍ଧାର: ଦଲାଲ ଗିରଫ

**ଲାଠୋର,୨୧।୧୨(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ପୋଲିସ ଶୁକ୍ରବାର ରାତିରେ ଆନ୍ଧ୍ରପ୍ରଦେଶକୁ ଚାଲାଣ ହେଉଥିବା ୯ ଜଣଶ୍ରମିକଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ସମ୍ପୃକ୍ତ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଫୁଲଝର ଗ୍ରାମର ଦାଦନ ସର୍ଦ୍ଦାର ରବି ପୁଟେଲ(୨୯) ଖପ୍ରାଖୋଲ ଥାନା କପସିପାଲି ଗ୍ରାମର ୪ ଜଣ ମହିଳା ଏବଂ ୫ ଜଣ ପୁରୁଷ ଶ୍ରମିକଙ୍କୁ ଆନ୍ଧ୍ରପ୍ରଦେଶ ଚାଲାଣ ପାଇଁ ହରିଶଙ୍କର ରୋଡ଼ ରେଳ ଷ୍ଟେଶନକୁ ଆଣୁଥିଲେ। ପୋଲିସ କୌଣସି ସୂତ୍ରରୁ ଖବର ପାଇ ରାତିରେ ଲାଠୋର ବସଷ୍ଟାଣ୍ଡରେ ଚଢାଉ କରି କାଗଜପତ୍ର ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ବେଆଇନ ଦାଦନ ଶ୍ରମିକ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଶନିବାର ସକାଳେ ଶ୍ରମିକମାନଙ୍କୁ ତାଙ୍କ ଘରକୁ ପଠା ଯାଇଥିବା ବେଳେ ଦଲାଲ ପୁଟେଲଙ୍କୁ ଗିରଫ କରାଯାଇ ପାଟଣାଗଡ କୋର୍ଟ ଚାଲାଣ କରାଯାଇଥିଲା। ଏ ନେଇ ନଂ ୨୬୯/୨୪ ରେ ଏକ ମାମଲା ହୋଇଛି ।।

# ପୁଅ ଆଗରେ ଟ୍ରକ୍ ଚକାତଳେ ଚାଲିଗଲା ବାପାଙ୍କ ଜୀବନ

**କୁଆଁରମୁଣ୍ଡା,୨୧।୧୨(ମହେନ୍ଦ୍ର କୁମାର ସାହୁ)**

ବୀରମିତ୍ରପୁର ଥାନା ୧୪୩ ନମ୍ବର ଜାତୀୟ ରାଜପଥର ଲାହାକୋଠୀ ନିକଟରେ ଶନିବାର ଟ୍ରକ ଚଢ଼ିଯିବାରୁ ପୁଅ ଆଗରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଦୃଶ ଏକ୍କା(୪୫)। ଗୁରୁତର ଆହତ ପୁଅ ସାୟୁନ ଏକ୍କା(୨୧)ଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଗୋଟିଏ ବାଇକରେ ପାଦୃଶ ଏବଂ ତାଙ୍କ ପୁଅ ସାୟୁନ ଓ ଅରୁଣ ଏକ୍କା ବୀରମିତ୍ରପୁରରୁ ବେଦବ୍ୟାସ ସ୍ଥିତ ନିଜ ଘରକୁ ଫେରୁଥିବା ବେଳେ ଲାହାକୋଠୀ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ପାଦୃଶ ଏବଂ ସାୟୁନ ରାସ୍ତା ଉପରେ ଛିଟିକି ପଡିଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଏକ ଟ୍ରକ ପାଦୃଶଙ୍କ ଉପରେ ଚଢ଼ିଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଧକ୍କା ଦେଇଥିବା ଅନ୍ୟ ଏକ ବାଇକ ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ବୀରମିତ୍ରପୁର ଥାନା ଅଧିକାରୀ ବନ୍ଦନା ପାତ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଏଥିସହ ଦୁର୍ଘଟଣାଗ୍ରସ୍ତ ବାଇକ ଓ ଟ୍ରକକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି।

# ରୋଜଗାର, ନିଯୁକ୍ତିକୁ ନେଇ ବେକାର ଯୁବତୀଯୁବକଙ୍କ ଧାରଣା

**ହେମଗିର,୨୧।୧୨(ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ସିଆରମାଲ ସ୍ଥିତ ଡିବିଏଲ କମ୍ପାନୀ ସମ୍ମୁଖରେ ଶୁକ୍ରବାର ଆଦିବାସୀ ଓ ଦଳିତ ଠିକାଦାର ଏବଂ ପରିବହନ ସଂସ୍ଥା ସୁନ୍ଦରଗଡ ତରଫରୁ ରୋଜଗାର ଓ ନିଯୁକ୍ତି ପାଇଁ ଡିବିଏଲ କମ୍ପାନୀ ବନ୍ଦ ଡାକରା ଦିଆଯାଇଥିଲା। ଏହି ଅବସରରେ ଅନେକ ମହିଳା, ପୁରୁଷ, ଅନେକ ବେକାର ଯୁବତୀ ଓ ଯୁବକ ଧାରଣା ଦେଇଥିଲେ। ଏହି ଅବସରରେ ମୁଖ୍ୟତଃ ସ୍ଥାନୀୟ ଓ ଜିଲାର ବେକାର ଯୁବତୀ ଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ କରିବା,ତାଲିମ କେନ୍ଦ୍ର ସ୍ଥାପନ କରିବା ସହିତ ଅଞ୍ଚଳର ବେକାର ଯୁବତୀ ଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ କରିବା,ବିସ୍ଥାପିତ ମାନଙ୍କୁ ତାଙ୍କର ସମ୍ପୂର୍ଣ୍ଣ କ୍ଷତି ପୂରଣ ପ୍ରଦାନ କରିବା ଆଦି ଦାବିକୁ ନେଇ ଧାରଣା ଦିଆଯାଇଥିଲା। ପରେ ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଜାନୁଆରୀ ୧୦ ତାରିଖ ଦିନ ଜିଲା ପ୍ରଶାସନ,କମ୍ପାନୀ କର୍ତ୍ତୃପକ୍ଷ ଓ ଧାରଣାକାରୀଙ୍କ ମଧ୍ୟରେ ଆଲୋଚନା କରିବା ପ୍ରତିଶ୍ରୁତି ମିଳିବା ପରେ ଧାରଣ ପ୍ରତ୍ୟାହୃତ ହୋଇଥିଲା। ଏହିଅବସରରେ ସଭାପତି ଦିଲ୍ଲୀପ କୁମୁରା, ସମ୍ପାଦକ ସୁଶୀଲ ବାଗ, ବ୍ଲକ ସଭାପତି ଦୀପକ ସେଠ,ଦୁତିଆ ବୁଡାସାଗର,ରଞ୍ଜିତ ବୁଡା ପ୍ରମୁଖ ଉପସ୍ଥିତ ଥିଲେ।

# ସର୍ବଭାରତୀୟ ଲୁଟୁରପଙ୍କ କ୍ରିକେଟ କପ୍ ଉଦ୍‌ଘାଟିତ




ଉଦ୍‌ଘାଟନୀ ସମାରୋହରେ ଅତିଥିଙ୍କ ସହିତ ସାଂସ୍କୃତିକ କଳାକାରମାନେ।

**ଅମରପାଲି, ୨୧।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଟୁରପଙ୍କସ୍ଥିତ ହାଇସ୍କୁଲ ଖେଳ ପଡ଼ିଆରେ ହେବାକୁ ଥିବା ୨୮ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଟୁରପଙ୍କ କ୍ରିକେଟ କପ୍‌ର ଉଦ୍‌ଘାଟନୀ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗ୍ରାମର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ପୂଜାର୍ଚ୍ଚନା ପରେ ଏକ ଭବ୍ୟ ଶୋଭାଯାତ୍ରାରେ ମନ୍ଦିରରୁ ପଡିଆ ପର୍ଯ୍ୟନ୍ତ ଏକ ସାଂସ୍କୃତିକ ଶୋଭାଯାତ୍ରାରେ ମଶାଲ ଓ ଜଗନ୍ନାଥଙ୍କ ଫଟୋଚିତ୍ର ଅଣାଯାଇଥିଲା। ପରେ ଅନୁଷ୍ଠିତ ଏକ ସଭାରେ ଆୟୋଜକ ସଭାପତି ସୁଶିଲ ପ୍ରଧାନ ପୌରୋହିତ୍ୟ କରିଥିଲେ। ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ନନ୍ଦ, ଗ୍ରାମ୍ୟ ପରିଚାଳନା କମିଟି ସଭାପତି କଳ୍ପତରୁ ମହାକୁର, ଦିବ୍ୟ କିଶୋର ପାଠାଗାର ସଭାପତି ବୀରେନ ପ୍ରଧାନ, କ୍ରୀଡାବିତ ପିକୁଲ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଟୁର୍ନାମେଣ୍ଟର ସଫଳତା ପାଇଁ ସମସ୍ତେ ଶୁଭ କାମନା କରିଥିଲେ। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଲୁଟୁରପଙ୍କସ୍ଥିତ ହାଇସ୍କୁଲ ଖେଳ ପଡିଆରେ ଆଗାମୀ ୨୨ରୁ ୨୯ତାରିଖ ପର୍ଯ୍ୟନ୍ତ ଏହି ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁଟୁରପଙ୍କ କ୍ରିକେଟ କପ ହେବ। ଏଥିରେ ରାଜ୍ୟର ଦୁଇଟି ଦଳ ଏସଡିସିଏ ସୋନପୁର ଓ ସ୍ୱାର୍ଟନ ଭୁବନେଶ୍ୱର ଦଳ ଅଂଶ ଗ୍ରହଣ କରିଥିବା ବେଳେ ରାଜ୍ୟ ବାହାରର ଏନଏନଏସ ପ୍ରୟାଗରାଜ(ୟୁପି), ଗୁଲବର୍ଗା ସିଟି -୧୧ କର୍ନାଟକ, ବିରାଟ କ୍ରିକେଟ କ୍ଲବ କୋଲକତା( ପଶ୍ଚିମବଙ୍ଗ), ଏନ ସି ଏ ବିଶାଖାପାଟଣା(ଆନ୍ଧ୍ରପ୍ରଦେଶ), ପାନ୍ଥର କ୍ରିକେଟ କ୍ଲବ ହଜାରିବାଗ( ଝାଡ଼ଖଣ୍ଡ), ବାଘଲପୁର କ୍ରିକେଟ କ୍ଲବ ପାଟନା (ବିହାର) ଏବଂ କ୍ୟୁସିଆଇ ୱାରିଅର ଛତିଶଗଡ ଆଦି ଦଳ ଅଂଶଗ୍ରହଣ କରୁଛନ୍ତି। ଏଥିରେ ଚାମ୍ପିୟନ ଦଳକୁ ନଗଦ ୫୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଦଳକୁ ନଗଦ ୩୦ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯିବ। ଡିସେମ୍ବର ୨୯ ରେ ଫାଇନାଲ ମ୍ୟାଚ ହେବ। ପ୍ରତ୍ୟହ ଗୋଟିଏ ଲେଖାଏ ମ୍ୟାଚ ହେବ। ନକ୍ ଆଉଟ ପଦ୍ଧତିରେ ହେବାକୁ ଥିବା ମ୍ୟାଚ ଗୁଡ଼ିକ ଟି-୨୦, ଟି -୧୦ ଓ ସୁପର -୨ ଓଭର ବିଶିଷ୍ଟ ହେବ।

## ସଂକ୍ଷେପରେ

### ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବାର ସୁଧାର ଆଣିବା ନେଇ ମନ୍ତ୍ରୀଙ୍କୁ ସାକ୍ଷାତ

**ଖଡ଼ିଆଳ,୨୧।୧୨(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବାର ସୁଧାର ଆଣିବା ନେଇ ଦାବି ହୋଇଛି। ନୂଆପଡ଼ା ଜିଲା ଗସ୍ତରେ ଆସିଥିବା ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଜିଲା ଭାଜପା ଓବିସି ମୋର୍ଚ୍ଚା ସଭାପତି ଅଜିତ କିଶୋର ଚଳାନ, ଜିଲା ସଭାପତି ସୁବ୍ରତ ଠାକୁର, ନେତ୍ରାନନ୍ଦ ମନହୀରା ସାକ୍ଷାତକରି ଅନେକ ଦାବି ଉପସ୍ଥାପନା କରିଛନ୍ତି। ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ମେଡ଼ିକାଲ ଅଫିସର, ସ୍ଥାୟୀ ସ୍ତ୍ରୀରୋଗ ବିଶେଷଜ୍ଞ, ରକ୍ତ ଭଣ୍ଡାର ସ୍ଥାପନ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଘରୋଇ ଚିକିତ୍ସା ବଦଳରେ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାକୁ ଗୁରୁତ୍ୱ ଦେବା, ଆବଶ୍ୟକ ଡାକ୍ତର ନିଯୁକ୍ତି, ପାରା ମେଡିକାଲ କର୍ମଚାରୀ ନିଯୁକ୍ତି ନେଇ ସରକାରଙ୍କ ନିଷ୍ପତ୍ତି, ପ୍ରତ୍ୟେକ ଜିଲାରେ ମେଡିକାଲ କଲେଜ ସ୍ଥାପନ ନେଇ ସରକାରଙ୍କ ନିଷ୍ପତ୍ତି ଆଲୋଚନା କରିଥିଲେ। ବର୍ତ୍ତମାନ ସରକାରଙ୍କ ଉତ୍ତରାଧିକାରୀ ରୂପେ ଦାୟିତ୍ୱ ପାଇଥିବାବେଳେ ନିଶ୍ଚିତ ଭାବେ ସମସ୍ୟା ସୁଧାର ଆସିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ହତ୍ୟା ଅଭିଯୋଗରେ ୩ ଗିରଫ

**ଯୁବକଙ୍କ ମୃତଦେହ ଜବତ ଘଟଣା**

**ଗୋଲାମୁଣ୍ଡା,୨୧।୧୨(ବଟକୃଷ୍ଣ ପଣ୍ଡା):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଧିନସ୍ଥ ବଜାରପଡ଼ିଆ ବରଗଛରେ ଗତ ୧୨ତାରିଖ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଥିଲା। ଏନେଇ ପରିବାର ଲୋକେ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଶେଷରେ ପୋଲିସ ତଦନ୍ତ କରି ଏହା ହତ୍ୟା ହୋଇଥିବା ଜାଣିପାରିଥିଲା। ଶନିବାର ୩ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଦଶପୁର ଗ୍ରାମର ଅଖିଳ ସା, ମଧୁ ସା ଓ ଲେଟେର ଗ୍ରାମର ସନ୍ତୋଷ ସା। ୩ଜଣ ମିଶି ଯୁବକଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ବରଗଛରେ ବେକରେ ଗାମୁଛା ଲଗେଇ ଝୁଲାଇ ଦେଇଥିଲେ। ମୃତକ ହେଲେ ନୂଆପଡା ଜିଲା ଖରିଆର ଥାନା କୁର୍ଲୁଭଟା ଗ୍ରାମର ଝଜ ସା। ସେ ଦଶପୁର ଗାଁକୁ ଲକ୍ଷ୍ମୀ ପୂଜା ଦେଖିବାକୁ ଆସିଥିଲେ। ପୂର୍ବ ଗଣ୍ଡଗୋଳକୁ ନେଇ ଝଜ ସାଙ୍କୁ ତିନି ଜଣ ହତ୍ୟା କରିଥିଲେ। ଗୋଲାମୁଣ୍ଡା ଓ ଦଶପୁର ପୋଲିସ ଏକ ଟିମ୍ ଗଠନ କରି ଏହି ଘଟଣାର ପର୍ଦ୍ଦାଫାଶ କରିଥିଲେ ବୋଲି ଗୋଲାମୁଣ୍ଡା ଥାନାଧିକାରୀ ଶ୍ୱେତାପଦ୍ମା ସେଠ ସୂଚନା ଦେଇଛନ୍ତି।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକୋତ୍ସବ

**ମୁରିବାହାଲ,୨୧।୧୨(ଶ୍ରୀବତ୍ସ ବେହେରା):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଓଡିଶା ଆଦର୍ଶ ବିଦ୍ୟାଳୟର ୮ମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ତ୍ରିବିକ୍ରମ ସାହୁ ଅଧ୍ୟକ୍ଷତା କରିଥିଲେ। ଟିଟିଲାଗଡ଼ ଉପ ଜିଲ୍ଲାପାଳ ରୋହନ ଖେତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ଶିକ୍ଷା ଦ୍ୱାରା ସମାଜର ଓ ନିଜର ବିକାଶ ହୋଇପାରିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସନ୍ତୀ ସେଟ, ମୁରିବାହାଲ ପଞ୍ଚାୟତ ସମିତିର ଅଧ୍ୟକ୍ଷ ହରିବନ୍ଧୁ ମେହେର, ତହସିଲଦାର ଜଗଦୀଶ କର୍ତ୍ତାମି, ଡିଗ୍ରୀ କଲେଜର ଅଧ୍ୟକ୍ଷ ସରୋଜ କୁମାର ନାୟକ, ଶ୍ରୀବତ୍ସ ବେହେରା ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଟିଟିଲାଗଡ଼ ଡିଏଭି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡା. ଛାୟାକାନ୍ତ ଷଡ଼ଙ୍ଗୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ବାର୍ଷିକ ଉତ୍ସବ ଅବସରରେ ପୂର୍ବରୁ କରାଯାଇଥିବା ୨୪ ଗୋଟି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଇଂରାଜୀ ଶିକ୍ଷକ ସ୍ୱରୂପ ଠାକୁର ପରିଚାଳନା କରିଥିଲେ । ପୀତାମ୍ବର ବେସ୍ରା, ଅରକ୍ଷିତ ନାଗ, ପ୍ରକାଶ ରାଉତ, ଏସ.ଏସ.କବାଟ, ସୌମ୍ୟବ୍ରତ ଶତପଥୀ, ଆଲୋକ କୁମାର ଦାସ, ଈଶ୍ୱର ଚନ୍ଦ୍ର ମଲ୍ଲିକ, ହିମାଂଶୁ ଭୋଇ, ଆକାଶ ହରପାଳ,ଗୀତାଞ୍ଜଳୀ ସେଟ, ରାଜୀବ ପୁଟେଲ ପ୍ରମୁଖ ସହଯୋଗ କରିଥିଲେ। ମୁକ୍ତେଶ୍ୱର ଛୁରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ପଞ୍ଚମପୁର ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଯାପିତ

**ନୂଆପଡା,୨୧।୧୨ (ମକାରୁ ବେମାଲ)**


ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ନୂଆପଡ଼ା ସଦର ବ୍ଲକ ପଞ୍ଚମପୁରଠାରେ ୭ ଦିନଧରି ଚାଲିଥିବା ଆଞ୍ଚଳିକ ଧନୁଯାତ୍ରା ଶନିବାର କଂସ ବଧ ସହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି, ନୂଆପଡ଼ା ବ୍ଲକ ଅଧକ୍ଷା ତାରଶ୍ୱରୀ ସାହୁ, ସାରାବଙ୍ଗ ସମିତି ସଭ୍ୟା ଜାଗୃତି ସାହୁ, ସାମାଜିକ କର୍ମୀ ଧନୀ ସାହୁ, ଶ୍ୟାମକେଶର ୱାନୀ, ଗୋଲୀ ତିୱାରୀ, ଧାରମ୍ଭଣ୍ଡା ଏସ୍‌ଆଇ ବିନୋଦ ସେଠି, ନାଏବ ସରପଞ୍ଚ ଚମନ ଲାଲ ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଶା, ଛତିଶଗଡ ସୀମାନ୍ତରେ ଏହି ଧନୁଯାତ୍ରା ହୋଇଥିବାରୁ ଏହି ଅଞ୍ଚଳର ଲୋକମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଧନୁଯାତ୍ରା ସହ ମୀନାବଜାର, ଷ୍ଟାର ନାଇଟରେ ରକଷ୍ଟାର ରୁକୁ ସୁନାର ମଜା ନେଇଥିଲେ ଦର୍ଶକ। ସଭାପତି ଭରତ ରାଉତ, ପୁରୁଷୋତ୍ତମ ଦିୱାଙ୍ଗନ, ପ୍ୟାରୀ ଦିୱାଙ୍ଗନ, ମନୋଜ ନିଆଲ, ଲୋକନାଥ ବାଗ, ଈଶ୍ୱର ରାଉତ, ପିନ୍ଟୁ ବାଗ, ଈଶ୍ୱର ମାଝୀ, ରିଖୀ ମାଝୀ, ତାରଚନ୍ଦ ସାହୁ, ମୁକେଶ ପଟେଲ, ଧନରାଜ ପଟେଲ, ଶରତ ପଟେଲ, ମୋତି ଲାଲ ପଟେଲ ଧନୁଯାତ୍ରା କମିଟି ଓ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା।

# କେନାଲ ପାଣି ଯୋଗାଣ ଦାବିରେ ସ୍ମାରକପତ୍ର

**ଧର୍ମଗଡ, ୨୧।୧୨(ଆକାଶ କୁମାର ଜଗତ)**


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀ।

କେନାଲ ପାଣିକୁ ନେଇ ଦିନକୁ ଦିନ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଛି। ଖରିଫ ଫସଲ ସଂଗ୍ରହ କରି ରବି ଚାଷ ପାଇଁ ଚାଷୀ ପ୍ରସ୍ତୁତି କରୁଛନ୍ତି। ହେଲେ ଇନ୍ଦ୍ରାବତୀ କେନାଲ ପାଣି ଯୋଗାଣକୁ ନେଇ ଦ୍ୱନ୍ଦ ସୃଷ୍ଟି କରିଛି। କିଛି ଦିନ ତଳେ ଇନ୍ଦ୍ରାବତୀ ପ୍ରକଳ୍ପ କାର୍ଯ୍ୟାଳୟରୁ ବିଜ୍ଞାପନ ଜରିଆରେ ଚଳିତ ରବି ଧାନ ଫସଲ ପାଇଁ ଜଳଯୋଗାଣ ବନ୍ଦ ହେବା ସୂଚନା ଦିଆଯାଇଥିଲା। ଯାହାକୁ ନେଇ ଚାଷୀଙ୍କ ଭିତରେ ଘୋର ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ଆନ୍ଦୋଳନର ଦାନା ବାନ୍ଧିଥିଲା। ଧର୍ମଗଡ ଚାରିଛକ ନିକଟରେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ ଚାଷୀ। ଧର୍ମଗଡ ଉପଜିଲାପାଳ ଆନ୍ଦୋଳନସ୍ଥଳକୁ ଆସି ଚାଷୀଙ୍କ ସହ ଆଲୋଚନା କରିଥିବାବେଳେ ସନ୍ଧ୍ୟାରେ ମିଳିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ହେଲେ କୌଣସି ନିର୍ଣ୍ଣାୟକ ନିଷ୍ପତ୍ତି ହୋଇପାରି ନ ଥିଲା। ଯାହାକୁ ନେଇ ପୁଣି କିଛି ଦିନ ପରେ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜିତ ଚାଷୀ ଧାରଣାରେ ବସିଥିଲେ। କେନାଲ ପାଣି ଯୋଗେଇଦେବା ପାଇଁ ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବର୍ତ୍ତମାନ ବିଭାଗ ପକ୍ଷରୁ ଜଳସ୍ତର କମ ଥିବା ଦର୍ଶାଇ ବୋଡ଼େନ ପର୍ଯ୍ୟନ୍ତ କେନାଲ ପାଣି ଯୋଗେଇଦେବା ନିଷ୍ପତ୍ତି ନେଇଥିବା ବେଳେ ଶନିବାର ଧର୍ମଗଡ ଆଞ୍ଚଳିକ କୃଷକ ସଙ୍ଗଠନର କର୍ମକର୍ତ୍ତା ଇନ୍ଦ୍ରାବତୀ ଜଳଭଣ୍ଡାରରୁ ଟିଲିଟିଲା ଡିଷ୍ଟ୍ରିବ୍ୟୁଟାରି ପର୍ଯ୍ୟନ୍ତ କେନାଲ ପାଣି ଯୋଗେଇଦେବା ଦାବି ନେଇ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ସଂଘର ଶାନ୍ତନୁ ମୁଣ୍ଡ, ଡାକେ ଲହଜଲ, ଏମ. ପ୍ରବୀଣ କୁମାର, ରାଜନୀ ମୁଣ୍ଡ, ଡଗ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଷ୍ୟସନ୍ତାନ ଗ୍ରହଣ କରିଥିବା ବିଦେଶୀ ଦମ୍ପତିଙ୍କୁ ସମ୍ବର୍ଦ୍ଧନା



ଇଟାଲୀର ଦମ୍ପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଭବାନୀପାଟଣା,୨୧।୧୨(ଉତ୍ତମ କୁମାର ଦାଶ)**

ଭବାନୀପାଟଣା ନେହେରୁ ସେବା ସଂଘ ଓ କଳାହାଣ୍ଡି ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ପୋଷ୍ୟ ସନ୍ତାନ ଗ୍ରହଣ କରି ନେଇଥିବା ଇଟାଲୀ ଦମ୍ପତି ଲୁସିଆନା ରୋସି, ଲୁଇଗୀ ରୋସୋ ଓ ଝିଅ ପ୍ରତୀକ୍ଷାଙ୍କୁ ଶନିବାର ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରକାଶ ଯେ, ୨୦୧୬ ସେପ୍ଟେମ୍ବର ୨୧ରେ ଇଟାଲୀର ଏହି ଦମ୍ପତି ନିଜର ପୋଷ୍ୟ ସନ୍ତାନ ରୂପେ ପ୍ରତୀକ୍ଷାକୁ ଗ୍ରହଣ କରିନେଇଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ କରିବାର ୮ ବର୍ଷ ପରେ ବିଦେଶରୁ ନିଜର ଜନ୍ମମାଟି କଳାହାଣ୍ଡିକୁ ପ୍ରତୀକ୍ଷା ନିଜର ମା'ବାପା ସହିତ ମିଶି ଆସିଥିବାରୁ ଖୁସି ଅନୁଭବ କରିଛନ୍ତି। ଇଟାଲୀରେ ସେ ଭଲରେ ରହି ପାଠ ପଢୁଥିବା କହିଥିଲେ। ସେହିପରି ପ୍ରତୀକ୍ଷାକୁ ପାଇ ଇଟାଲୀ ଦମ୍ପତି ବହୁତ ଖୁସି ଥିବା କହିଥିଲେ। ବିଶେଷକରି ଏବେ କଳାହାଣ୍ଡି ଆସିଥିବାରୁ ଓ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବାରୁ ଜିଲା ପ୍ରଶାସନ ଓ ନେହେରୁ ସେବା ସଂଘକୁ ପ୍ରଶଂସା କରିଥିଲେ। ଏହି ଅବସରରେ ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଜିଲାର ଶିଶୁମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ସିଡବ୍ଲୁସିର ଅଧ୍ୟକ୍ଷ ରୂପେଶ କୁମାର ହୋତା, ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ସହକାରୀ ଜିଲାପାଳ ମମତା ଦାସ, ଜିଲା ଶିଶୁ ସୁରକ୍ଷା ୟୁନିଟର ରାଜଲକ୍ଷ୍ମୀ, ଓମପ୍ରକାଶ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ୟୁନିଟର ପ୍ରୋଗ୍ରାମ ଅଫିସର ଅଂଶୁମାନବାବୁ ପରିଚାଳନା କରିଥିଲେ।

# ଛାତ୍ରୀଙ୍କୁ ଯୁବକ ଧମକ ଦେଉଥିବା ଭିଡିଓ ଭାଇରାଲ

**ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା**

**ଭବାନୀପାଟଣା,୨୧।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇନ୍ଦ୍ରାବତୀ ଛାତ୍ରୀ ନିବାସ (ହଷ୍ଟେଲ) ବାଥରୁମ ଭିତରୁ ଗୁରୁବାର ସକାଳେ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଥିଲା। ତାଙ୍କ ନାମ ତୋଫାଲି ନାଏକ (ପୂଜା) ଓ ସେ ଯୁକ୍ତ ଦୁଇ ବାଣିଜ୍ୟ ବିଭାଗର ପ୍ରଥମ ବର୍ଷର ଛାତ୍ରୀ ଥିଲେ। ତାଙ୍କ ଘର ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ବିରୋକୋଟ ଗାଁରେ ବୋଲି ସୂଚନା ମିଳିଥିଲା। ଛାତ୍ରୀଙ୍କ ମୃତ୍ୟୁର କାରଣ ବର୍ତ୍ତମାନ ଯାଏଁ ସ୍ପଷ୍ଟ ହୋଇପାରି ନ ଥିବାବେଳେ ପରିବାର ବର୍ଗ ଏହା ଆତ୍ମହତ୍ୟା ନୁହେଁ ବରଂ ହତ୍ୟା ବୋଲି ଅଭିଯୋଗ ଆଣିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୪/୨୪) ରୁଜୁ କରି ବିଭିନ୍ନ ଦିଗ ଉପରେ ତଦନ୍ତ କରୁଥିବାବେଳେ ଏହାରି ଭିତରେ ମୃତ ଛାତ୍ରୀଙ୍କ ଏକ ଭିଡିଓ ଭାଇରାଲ ହେଉଛି। ଯେଉଁଥିରେ ଛାତ୍ରୀ ଜଣକୁ ଜଣେ ଯୁବକ ହଷ୍ଟେଲ ଫାଟକକୁ ଡାକିବା ସହ ଧମକ ଚମକ ଦେଉଥିବା ଜଣାପଡୁଛି। ସେହିପରି ଛାତ୍ରୀ ଜଣକ ଏହି ଭିଡିଓରେ ଯୁବକଙ୍କୁ କ୍ଷମା ମଧ୍ୟ ମାଗୁଛନ୍ତି। ତେବେ କେଉଁ କାରଣରୁ ଯୁବକ ଜଣକ ଛାତ୍ରୀଙ୍କୁ ଏପରି ବ୍ୟବହାର ଦେଖାଉଥିଲେ ଓ ଛାତ୍ରୀ ଜଣକ ତାଙ୍କୁ କାହିଁକି କ୍ଷମା ମାଗୁଛନ୍ତି ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ଜଣାପଡିନାହିଁ। ଛାତ୍ରୀ ଜଣକ ଯୁବକଙ୍କ ସହିତ ଯେଉଁ ପୋଷାକ ପିନ୍ଧି କଥା ହେଉଥିଲେ, ସେହି ପୋଷାକରେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଥିଲା। ତେବେ ଏହି ଭିଡିଓ ସାମ୍ନାକୁ ଆସିବା ପରେ ପୋଲିସ କେତେଦୂର ତାର ତଦନ୍ତକୁ ଆଗକୁ ନେଉଛି ତାହା ଦେଖିବାକୁ ବାକି ରହିଲା।

# ଜୁନାଗଡ଼ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମାନିତ



**ଜୁନାଗଡ଼,୨୧।୧୨(ସୁନୀଲ କୁମାର ସିଂହ)**

**ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ କାର୍ଯ୍ୟକ୍ରମ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ-୨୦୨୪ ଭୁବନେଶ୍ୱରସ୍ଥିତ ଆଦିବାସୀ ପଡିଆରେ ଗତ ୧୮ ରୁ ୨୦ ତିନି ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲା ଜୁନାଗଡ ଏସ୍‌ଏସ୍‌ଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ ରାଜ୍ୟର ସମସ୍ତ ଜିଲାର ବିଭାଗୀୟ ବିଦ୍ୟାଳୟରୁ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜୁନାଗଡ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସଙ୍ଗୀତା ଭୋଇ ବରିଷ୍ଠ ବର୍ଗର ବାକ ପଟୁତାରେ ଅଂଶଗ୍ରହଣ କରି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ତଥା ଜିଲା ପାଇଁ ଗୌରବ ଆଣିଛନ୍ତି। ସେହିପରି ୨୦୨୪ର ଦଶମଶ୍ରେଣୀ ବାର୍ଷିକ ପରୀକ୍ଷା ଫଳାଫଳକୁ ନେଇ ଏହି ବିଭାଗ ଅଧିନରେ ଥିବା ରାଜ୍ୟର ଶ୍ରେଷ୍ଠ ୫୦ଟି ବିଦ୍ୟାଳୟ ମଧ୍ୟରେ ଜୁନାଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସ୍ଥାନ ପାଇଥିଲା। ଫଳରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କଠାରୁ ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ସାମନ୍ତ ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତଥା କର୍ମଚାରୀଙ୍କ କର୍ତ୍ତବ୍ୟ ପରାୟଣତା ଯୋଗୁ ଆମ ବିଦ୍ୟାଳୟ ଏହି ସମ୍ମାନର ଅଧିକାରୀ ହୋଇପାରିଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ମତବ୍ୟକ୍ତ କରିଥିଲେ।

# ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ଶୋଭାଯାତ୍ରା

**ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା**

**ଭବାନୀପାଟଣା,୨୧।୧୨(ଉତ୍ତମ କୁମାର ଦାଶ)**

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ୬୨ତମ ରାଜ୍ୟସ୍ତରୀୟ ବାର୍ଷିକ ଅଧିବେଶନ ଉପଲକ୍ଷେ ଶନିବାର ଭବାନୀପାଟଣା ସହରରେ ୬ ଦଫା ଦାବି ନେଇ ଏକ ସାମୂହିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଟାଉନ ହଲ୍‌ରୁ ବାହାରି ମାଣିକେଶରୀ ଛକ, ଦୟାନିଧି ଛକ, ଗାନ୍ଧୀ ଛକ, ପାୱାର୍ ହାଉସ ଛକ ଦେଇ ସହର ପରିକ୍ରମା କରି ପୁନଶ୍ଚ ଟାଉନ ହଲରେ ପହଞ୍ଚିଥିଲା। ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି ଶୋଭାଯାତ୍ରାରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ, ଉପସଭାପତି ପରମେଶ୍ୱର ବେହେରା, ଯୁଗ୍ମ ସମ୍ପାଦକ ଦୁର୍ଗା ମାଧବ ପଣ୍ଡା ପ୍ରମୁଖଙ୍କ ସହ ବିଦ୍ୟୁତ୍ କ୍ଷେତ୍ରରେ କାର୍ଯ୍ୟରତ ୬୦ଟି ଡିଭିଜନର ହଜାରେରୁ ଉର୍ଦ୍ଧ୍ୱ ପ୍ରତିନିଧି, ୬୦ଡିଭିଜନ ସମ୍ପାଦକ, ୧୫ ସର୍କଲ ସମ୍ପାଦକ ଓ ୨୦ କେନ୍ଦ୍ରୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ। ପରେ ଟାଉନ ହଲଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

### କ୍ରିଷ୍ଣା ଲର୍ଣ୍ଣିଂ ସ୍କୁଲର ବାର୍ଷିକ ଉତ୍ସବ

**କଣ୍ଟାବାଞ୍ଜି,୨୧।୧୨(ଗୁରୁଦୟାଲ ହଂସ):** ବଙ୍ଗୋମୁଣ୍ଡା ବ୍ଲକ ସଦର ଗ୍ରାମରେ ଥିବା କ୍ରିଷ୍ଣା ଲର୍ଣ୍ଣିଂ ଇଂଲିଶ୍ ମିଡିୟମ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଶନିବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଉତ୍ସବ ଅବସରରେ କୁନି କୁନି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ରାଜେଶ କୁମାର ଜୈନଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ବଙ୍ଗୋମୁଣ୍ଡା ଅଞ୍ଚଳର ସାମାଜିକ କର୍ମୀ ଅର୍ଦ୍ଧେନ୍ଦୁ ଦାସ ଯାଦବ ମୁଖ୍ୟଅତିଥି, ବଙ୍ଗୋମୁଣ୍ଡା ସରକାରୀ ବାଳିକା ହାଇସ୍କୁଲର ଶିକ୍ଷୟିତ୍ରୀ ରୀତା ଶବର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭା ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

# ଉନ୍ନୟନ କାମର ସମୀକ୍ଷା


ମାଗୁରବେଡା ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ପିଡି ଏବଂ ବ୍ଲକର ଅଧିକାରୀ ।

**ଲୋଇସିଂହା,୨୧।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ପିଡି ଡିଆରଡିଏ ପ୍ରଭାତ କୁମାର ମହାପାତ୍ର ଲୋଇସିଂହା ବ୍ଲକ ମାଗୁରବେଡା ପଞ୍ଚାୟତ ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାମର ସମୀକ୍ଷା କରିଛନ୍ତି । ଗସ୍ତ ଅବସରରେ ବିସ୍ଥାପିତଙ୍କ ଥଇଥାନ ବିଷୟରେ ଲୋକଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସାମୁହିକ କାର୍ଯ୍ୟ ପାଇଁ ପ୍ରକଳ୍ପଗୁଡିକ ପ୍ରସ୍ତାବ ଦେବାକୁ ଜନସାଧାରଣଙ୍କୁ ପିଡି ମହାପାତ୍ର ଆହ୍ୱାନ କରିଥିଲେ । ପିଡି ମହାପାତ୍ରଙ୍କ ଗସ୍ତ ବେଳେ ବିଡିଓ ଅକ୍ଷୟପାଣି ଉଦ୍ଗୁ, ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢୀ, ସ୍ଥାନୀୟ ସରପଞ୍ଚ ସଞ୍ଜୟ ଗଡତ୍ୟା, କୌସ୍ତୁବ ସାହୁ, ସୁରେଶ ଚନ୍ଦ୍ର ଷଡଙ୍ଗୀ, ଚକାମନ ବିଶି ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ

**ଲୋଇସିଂହା,୨୧।୧୨(ସୁଶାନ୍ତ ବାରିକ)**

ସମ୍ବିଧାନ ପ୍ରଣେତା ଡ.ଭୀମରାଓ ଆମ୍ବେଡକରଙ୍କ ଉପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ମନ୍ତବ୍ୟ ପ୍ରତିବାଦରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କାର୍ଯ୍ୟାଳୟ ଫାଟକ ଆଗରେ ଜିଲା ଯୁବ କଂଗ୍ରେସ ତରଫରୁ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଅବସରରେ ଯୁବ କଂଗ୍ରେସ ତରଫରୁ ଶାହାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ମୁଖପାତ୍ର ଅଙ୍କିତ ସାହୁ ଏବଂ ଯୁବ କଂଗ୍ରେସ ସଭାପତି ସଞ୍ଜୀବ ନାଗଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଶାହା ଯଦି କ୍ଷମାପ୍ରାର୍ଥନା କିମ୍ବା ଇସ୍ତଫା ନ ଦିଅନ୍ତି ତେବେ ଯୁବ କଂଗ୍ରେସ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ । ଏଥିପାଇଁ ପରିଣାମ ଯାହା ହେବ ସରକାର ଦାୟୀ ରହିବେ ବୋଲି ଏହି ଅବସରରେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ମୁଖପାତ୍ର ସାହୁ କହିଛନ୍ତି ।



ଯୁବ କଂଗ୍ରେସ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# 'ବିକାଶର ରୂପରେଖ ପ୍ରସ୍ତୁତ କର'

**ପତିତପାବନ ଏକାଡେମୀର ହୀରକ ଜୟନ୍ତୀ ସମାରୋହ**

**ବଲାଙ୍ଗୀର,୨୧।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**


ହୀରକ ଜୟନ୍ତୀ ସମାରୋହର ପ୍ରଥମ ଅଧିବେଶନରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ବଲାଙ୍ଗୀରର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ପତିତପାବନ ଏକାଡେମୀର ହୀରକ ଜୟନ୍ତୀ ସମାରୋହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଆଲୁମ୍ନି ଆସୋସିଏଶନ ଉପସଭାପତି ହେମନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ଏସ୍‌ପି ରଷିକେଶ ଖିଲାରି, ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ମୁଖ୍ୟବକ୍ତା ଭାବେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ନଚିକେତା ଖମାରୀ ଶର୍ମା ମଞ୍ଚାସୀନ ଥିଲେ। ପ୍ରଦୀପ ପ୍ରଜ୍ୱଳନ କରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସମାରୋହ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ, ସ୍କୁଲର ହୀରକ ଜୟନ୍ତୀରେ ଯେଉଁଭଳି ସମସ୍ତ ଆଲୁମ୍ନି ସମ୍ମିଳିତ ହୋଇ ପାଳନ କରୁଛନ୍ତ, ଠିକ୍ ସେହିଭଳି ଆମ ଅଞ୍ଚଳର ବିକାଶ ପାଇଁ ଏଭଳି ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଏହି ଅବସରରେ ସେ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ଚକ୍ରଧର ପଣ୍ଡାଙ୍କୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟତମ ଅତିଥି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଦ୍ୟାଳୟରେ ପାଠପଢ଼ା ଏବଂ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ଉପରେ କିଭଳି ଶିକ୍ଷା ବିଭାଗ ଗୁରୁତ୍ୱ ଦେଉଛି କହିଥିଲେ। ଅନ୍ୟତମ ଅତିଥି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ କୃତ୍ରିମ ବୁଦ୍ଧିମତ୍ତା ଏବଂ ଆଗାମୀ ଆହ୍ୱାନ ଉପରେ କହିଥିଲେ। ଆଗାମୀ ଦିନରେ ଓଡିଆ ଓ କୋଶଲୀ-ସମ୍ବଲପୁରୀ ଭଳି ଭାଷାକୁ କିଭଳି ଗୁଗୁଲ ସର୍ଚ୍ଚ ଇଞ୍ଜିନରେ ସଂଯୋଜିତ କରି ଭାଷା ଓ ସଂସ୍କୃତି ସୁରକ୍ଷା କରାଯାଇପାରିବ କହିଥିଲେ। ମୁଖ୍ୟବକ୍ତା ଡ ଖମାରୀ ଶର୍ମା ଶିକ୍ଷାର ଅସଲ ଆହ୍ୱାନ ଓ ଲକ୍ଷ୍ୟ ଉପରେ କହିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସିନ୍ଧୁ ସିନ୍ଧୁର ପାଢ଼ୀ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅତିଥିମାନେ ହୀରକ ଜୟନ୍ତୀ ସ୍ମରଣିକା ଉଦୟିନୀ ଉନ୍ମୋଚନ କରିଥିଲେ। ସଭାକୁ ପୁରାତନ ଛାତ୍ର ଅଖିଳ ହୋତା ସଂଯୋଜନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପୁରାତନ ଛାତ୍ର ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ କଳିକେଶ ନାରାୟଣ ସିଂଦେଓ, ଜିଲା ପରିଷଦ ସଭାପତି ଦେବକୀ ସାହୁ, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ମୁଖ୍ୟବକ୍ତା ଭାବେ ଡ. ପ୍ରେମଚାନ୍ଦ ମହାନ୍ତି ମଞ୍ଚାସୀନ ହୋଇଥିଲେ। ସଭା ପରେ ସଙ୍ଗୀତ ଶିଳ୍ପୀ ଅର୍ଚ୍ଚନା ପାଢ଼ୀ ଓ ରୁକୁ ସୁନାଙ୍କ ଟିମ୍ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉଭୟ ଅଧିବେଶନରେ ପିପି ଏକାଡେମୀର ଛାତ୍ରୀ, ଶିକ୍ଷକ, ପୁରାତନ ଛାତ୍ର, ପୁରାତନ ଶିକ୍ଷକମାନେ ଉପସ୍ଥିତ ଥିଲେ।

## ପିକ୍‌ଅପ୍ ଧକ୍କାରେ ବାଇକ୍ ଚାଳକ ମୃତ

**ସରଣ୍ଡା,୨୧।୧୨(ଯୁଧିଷ୍ଠିର ମହାପାତ୍ର):** ବରଗଡ-ସମ୍ବଲପୁର ୫୩ ନଂ. ଜତୀୟ ରାଜପଥର ଅତାବିରା ବସ୍‌ଷ୍ଟାଣ୍ଡ ଛକରେ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଏକ ପିକ୍‌ଅପ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅତାବିରା ଥାନା ଲସ୍ତଲା ଗ୍ରାମର ରାମଚନ୍ଦ୍ର ମେହେର। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ରାମଚନ୍ଦ୍ର କୌଣସି କାମରେ ତାଙ୍କ ବାଇକ୍‌ରେ ଲସ୍ତଲାରୁ ଅତାବିରା ଆସିଥିଲେ। ସେ ବସ୍‌ଷ୍ଟାଣ୍ଡ ଛକ ଦେଇ ଅତିକ୍ରମ କରୁଥିବା ବେଳେ ବରଗଡ ପଟରୁ ଆସୁଥିବା ମାଲ ବୋଝେଇ ପିକ୍‌ଅପ୍ ଭ୍ୟାନ (ନଂ.ଓଡ଼ି୧୭ଏମ୍/୪୪୨୯) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ରାମଚନ୍ଦ୍ର ପିକଅପ୍ ଭ୍ୟାନ ତଳେ ଚାପି ହୋଇଯାଇଥିଲେ।

# ସ୍କୁଲ ଖେଳ ପଡ଼ିଆରେ ତହସିଲ ଅଫିସ ନିର୍ମାଣ ମସୁଧାକୁ ବିରୋଧ

**ବରଗଡ଼, ୨୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରରେ ଥିବା ରାଣା ପ୍ରତାପ ହାଇସ୍କୁଲ ପଡିଆରେ ତହସିଲ କାର୍ଯ୍ୟାଳୟ ନିର୍ମାଣ ପାଇଁ ମସୁଧା ଚାଲିଛି। ଏହାକୁ ନେଇ ଅସନ୍ତୋଷ ବଢିବାରେ ଲାଗିଛି। ଏହି କ୍ରମରେ ଶୁକ୍ରବାର ଉକ୍ତ ସ୍କୁଲ ଆଲୁମୁନି କମିଟିର ପ୍ରତିନିଧି ଦଳ ସ୍ଥାନୀୟ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍କୁଲ ପଡିଆରେ ତହସିଲ କାର୍ଯ୍ୟାଳୟ ନିର୍ମାଣକୁ ବିରୋଧ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଉକ୍ତ ସ୍କୁଲର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ତତ୍କାଳୀନ ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ୫ଏକର ୫୫ଡେସିମିଲ ଜମି ଦାନ କରାଯାଇଥିଲା। ତେବେ ସରକାରୀ ଉଦାସୀନତାରୁ ଆଜି ପର୍ଯ୍ୟନ୍ତ ଉକ୍ତ ଜମି ସ୍କୁଲ ନାମରେ ପଟ୍ଟା ହୋଇ ପାରି ନ ଥିବାବେଳେ ଜିଲା ପ୍ରଶାସନ ଏହି ଜମି ଉପରେ ବିଭିନ୍ନ ସରକାରୀ ପ୍ରକଳ୍ପ ନିର୍ମାଣ କରି ଚାଲିଛି। ବଳକା ଜମିରେ ଛାତ୍ରୀଛାତ୍ର ଖେଳକୁଦ କରି ଆସୁଛନ୍ତି। ତେବେ ଏହି ଖେଳ ପଡିଆରେ ନୂତନ ତହସିଲ କାର୍ଯ୍ୟାଳୟ ନିର୍ମାଣ ମସୁଧା ଚାଲିଛି। ସ୍କୁଲର ଆଲୁମୁନି କମିଟି ଏହାକୁ ବିରୋଧ କରି ଏହି ମର୍ମରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କିନ୍ତୁ ଅଦ୍ୟାବଧି ଜିଲା ପ୍ରଶାସନ ତରଫରୁ ଉକ୍ତ ପ୍ରକଳ୍ପ ନିର୍ମାଣ ବନ୍ଦ ସମ୍ବନ୍ଧରେ ଆଲୁମୁନି କମିଟିକୁ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିବାରୁ ଶୁକ୍ରବାର କମିଟିର ସଭାପତି ବ୍ରହ୍ମା ମହାକୁଡ ଓ ସମ୍ପାଦକ ସର୍ଦ୍ଦାର ପ୍ରିତମ ସିଂଙ୍କ ନେତୃତ୍ୱରେ ଶେଖ୍ ନିଜାମୁଦ୍ଦିନ୍, ପ୍ରୟାସ ଦାଶ ଓ ବରିଷ୍ଠ ଆଡଭୋକେଟ ମୋହିତ ମହାପାତ୍ର ପ୍ରମୁଖ ବରଗଡ଼ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ କମିଟି ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବ ବୋଲି ଚେତାବନୀ ଦିଆଯାଇଛି।


ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ସିଙ୍ଗୋଡା ଘାଟିରେ ହେଉ ଶହୀଦ ମାଧୋ ସିଂହଙ୍କ ସ୍ମାରକୀ


ଛତିଶଗଡ଼ ମୁଖ୍ୟମନ୍ତ୍ରୀ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

**ବରଗଡ଼,୨୧।୧୨(ପ୍ରେମାନନ୍ଦ ଖମାରୀ)**

ଛତିଶଗଡ଼ ରାଜ୍ୟ ସିଙ୍ଗୋଡା ଘାଟିରେ ମାଧୋ ସିଂହଙ୍କ ସ୍ମାରକୀ ନିର୍ମାଣ ପାଇଁ ଶୁକ୍ରବାର ବରଗଡ଼ କୋଶଲ ଟାଇମର ସମ୍ପାଦକ ସଞ୍ଜୀବ ମହାପାତ୍ର ରାୟପୁରଠାରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କୁ ସାକ୍ଷାତ କରି ନିବେଦନ କରିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଖବରକୁ ନେଇ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି। ସ୍ମାରକପତ୍ରରେ ସେ ଉଲ୍ଲେଖ କରିଛନ୍ତି, ଓଡ଼ିଶା ମାଟିର ଗୌରବ ଶହୀଦ ମାଧୋ ସିଂହଙ୍କ ବଳିଦାନ ଦିବସ ଡିସେମ୍ବର ୩୧ ତାରିଖ ସମଗ୍ର ଓଡ଼ିଶାରେ ବୀରତା ଦିବସ ଭାବେ ପାଳିତ ହୋଇଆସୁଛି। ଇଂରେଜ ବିରୋଧୀ ଆନ୍ଦୋଳନର ଅନ୍ୟତମ ସାରଥୀ ଘେଁସ ଜମିଦାର ମାଧୋ ସିଂହ ଓ ତାଙ୍କ ପୁଅ ଓଡ଼ିଶା-ଛତିଶଗଡ ସୀମାନ୍ତ ସିଂଘୋଡା ଘାଟିରେ ଜଗି ରହି ଇଂରେଜମାନଙ୍କ ସମ୍ବଲପୁର ପ୍ରବେଶ ପଥ ଅବରୋଧ କରିଆସିଥିଲେ। ଫଳରେ ଉକ୍ତ ସ୍ଥାନ ଏକ ଯୁଦ୍ଧଭୂମି ପାଲଟିଥିଲା। ଏହି ସଂଗ୍ରାମରେ ନିଜର ୪ପୁଅ ସହିତ ମାଧୋ ସିଂହ ମଧ୍ୟ ନିଜ ଜୀବନର ବଳିଦାନ ଦେଇଥିଲେ। ଛତିଶଗଡ଼ର ଅଧିବାସୀ ମାଧୋ ସିଂହଙ୍କ ଜ୍ୱାଇଁ ଓ ସମୁଦି ମଧ୍ୟ ସ୍ୱାଧୀନତାର ଯଜ୍ଞବେଦୀରେ ପ୍ରାଣର ଆହୂତି ଦେଇଛନ୍ତି। ଏ ସମସ୍ତ ଦେଶପ୍ରେମୀ ଶହୀଦଙ୍କ ପୁଣ୍ୟସ୍ମୃତିରେ ସିଂଗୋଡା ଘାଟିଠାରେ ଏକ ସ୍ମାରକୀ ନିର୍ମାଣ କରିବା ପାଇଁ ମହାପାତ୍ର ନିବେଦନ କରିଛନ୍ତି।

## ଗଞ୍ଜେଇ ଜବତ : ୩ କୋର୍ଟ ଚାଲାଣ

**ବାଉଁଶୁଣୀ,୨୧।୧୨(ଦେବାଶିଷ ନେପାକ)**

ବାଉଁଶୁଣୀ ପୋଲିସ ଜଟିପାଲି ଗ୍ରାମ ନିକଟରେ ଚଢାଉ କରି ୨୨ କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଶନିବାର କୋର୍ଟଚାଲାଣ କରାଯାଇଛି । ଶୁକ୍ରବାର ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ପୋଲିସ ଜଟିପାଲି ଗ୍ରାମ ରାସ୍ତାରେ ଜଗି ରହିଥିଲା । ଦୁଇଟି ବାଇକ୍‌କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ତାହା ୨୨ କେଜି ୭୦୦ ଗ୍ରାମ ହୋଇଥିଲା । ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଅଭିଯୁକ୍ତ ଜୁରାମୁଣ୍ଡା ଗ୍ରାମର ଅଶୋକ ବାରିକ,ଜଟିପାଲି ଗ୍ରାମର ବିକାଶ ଦନ୍ତା ଓ ସାଗର ଥାଟୀଙ୍କୁ ଗିରଫ କରାଯାଇଥିଲା । ଏ ନେଇ ବାଉଁଶୁଣୀ ଥାନାରେ ମାମଲା ରୁଜୁ ହୋଇଛି ।

# ବରଗଡ଼ରେ ଜାତୀୟ ଡୁମାଳ ମହୋତ୍ସବ



ଜାତୀୟ ଡୁମାଳ ପ୍ରତିଭାଧାରୀଙ୍କୁ ମହୋତ୍ସବରେ ସମ୍ବର୍ଦ୍ଧନା ଦିଆଯାଉଛି।

**ବରଗଡ଼, ୨୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ମାଁ ମାହେଶ୍ୱରୀ ସଂସ୍କୃତି ପରିଷଦ ପକ୍ଷରୁ ଶୁକ୍ରବାର ଜାତୀୟ ଡୁମାଳ ମହୋତ୍ସବ ପାଳିତ ହୋଇଯାଇଛି। ମାଁ ମାହେଶ୍ୱରୀ ସଂସ୍କୃତି ପରିଷଦ ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିନେ ଅଭିନେତା, ନିର୍ଦ୍ଦେଶକ ତଥା ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟ ଅତିଥି, ଦେବାର୍ଚ୍ଚନ ଚଉଳିଆ, କୃତିବାସ ପଳିଆ, ମୁରଲୀ ପାତ୍ର, ଲମ୍ବୋଦର ମହାକୁର, ଜୟ ମଙ୍ଗଳ ବିଶି, ଶମ୍ଭୁ ଗିରି, ପାଣ୍ଡବ କର୍ଣ୍ଣ, ଫକୀର କର୍ଣ୍ଣ, ସନ୍ତୋଷିନୀ କର୍ଣ୍ଣ, ହେମାବତୀ କର୍ଣ୍ଣ, ସନ୍ତୋଷିନୀ ଦନ୍ତା, ନରେନ୍ଦ୍ର ପ୍ରଧାନ, ବଳରାମ ଛନ୍ଦ, ପୁଷ୍ପାଞ୍ଜଳି କଳିତା, ଥବିର କର୍ମୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ହୀରା ମହାକୁର ପରିଚୟ ପ୍ରଦାନ କରିଥିବା ବେଳେ ଚୈତନ୍ୟ କର୍ଣ୍ଣ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଅଭୟ ମହାକୁର, କ୍ରୀଡାବିତ୍ ସନ୍ତୋଷ ପ୍ରଧାନ, ଲେଖକ ପଦ୍ମନ କର୍ଣ୍ଣ, ଦୀପକ ଶର୍ମା, ଉମେଶ ବିଶ୍ୱାଳ, ଧ୍ରୁବ କର୍ମୀ, ମହେନ୍ଦ୍ର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରାଯାଇଥିଲା। ସେହିପରି ମାଁ ମାହେଶ୍ୱରୀ ସେନା ଓ ଯୁବକଙ୍କ ଉଦ୍ୟମରେ ଆୟୋଜିତ ଏକ ରକ୍ତଦାନ ଶିବିରରେ ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ଡୁମାଳ ପରିଷଦର କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## ବୁରଗୋରା ହାଇସ୍କୁଲର ବାର୍ଷିକ କ୍ରୀଡା

**ବଘିଆପଡା,୨୧।୧୨( ଶ୍ରୀକାନ୍ତ ସାହୁ)**

ବୌଦ୍ଧ ଜିଲା ଟିକରପଡା ପଞ୍ଚାୟତର ବୁରଗୋରା ଗ୍ରାମରେ ଥିବା ବୁରଗୋରା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଝସକେତନ ପ୍ରଧାନ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ସମାଜସେବୀ ରାଜେଶ ଖଟୁଆ , ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଆଲୁମ୍‌ନି ସଭାପତି ଲୋକେଶ ଭୋଇ ଯୋଗଦେଇ ଖେଳ ଦ୍ୱାରା ଛାତ୍ରୀଛାତ୍ରମାନେ ଆଗକୁ ଯାଇ ପାରିବେ ବୋଲି କହିଥିଲେ । ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର କ୍ରୀଡା ଶିକ୍ଷକ କୃଷ୍ଣଚନ୍ଦ୍ର ସେଠୀ ପରିଚାଳନା କରିଥିଲେ। କ୍ରିକେଟ, ଲମ୍ବଜମ୍ପ, ସ୍ଲୋ ସାଇକେଲ, ଡିସ୍‌କସ ଥ୍ରୋ,ସଟପୁଟ ଥ୍ରୋ, ତୀରନ୍ଦାଜ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତାରେ ବିଦ୍ୟାଳୟର ପ୍ରାୟ ୬୮ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁନିତା ପ୍ରଧାନ, ସ୍ମିତାରାଣୀ ସେଠୀ, ଶିକ୍ଷକ ଅଜୟ ବେହେରା, ଜସୁଆ ପ୍ରଧାନ, ସ୍ମୃତି ରଞ୍ଜନ ପାଣ୍ଡେ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

**ଡୁଙ୍ଗୁରିପାଲି,୨୧।୧୨(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡୁଙ୍ଗୁରିପାଲି ମହାବିଦ୍ୟାଳୟର ପ୍ରାଧାପକ ଡ.ସରୋଜ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଚକ୍ଷୁରୋଗ ବିଶେଷଜ୍ଞ ଡା.ଶ୍ରୀଧର ବିଶ୍ୱାଳ, ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିଚାଳନା ସମିତିର ଉପସଭାପତି ଲକ୍ଷ୍ମୀଧର ମେହେର, ପ୍ରଧାନ ଆଚାର୍ଯ୍ୟ ବିଭୂତିଭୂଷଣ ପଣ୍ଡା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିନିକା ସିଦ୍ଧାର୍ଥ ମହାବିଦ୍ୟାଳୟର ଅଧକ୍ଷ ଡ. ଧିରେନ କୁମାର ନାୟକ ଯୋଗଦେଇ ଶିକ୍ଷା ବିକାଶ ଉପରେ ଆଲୋକପାତ କରିଥିଲେ। ପରିଚାଳନା ସମିତିର ସମ୍ପାଦକ ତପନ ଯୁଆଡି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଡା. ବିଶ୍ୱାଳଙ୍କ ପତ୍ନୀ ନୀରବତୀ ବିଶ୍ୱାଳ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ବର୍ତ୍ତମାନ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଆକାଶ ସାହୁଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାମନ୍ଦିରର ୨୦୨୩-୨୪ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରୀ ଆଦ୍ୟାସା ପଣ୍ଡାଙ୍କୁ ମୁଖ୍ୟ ଅତିଥି ଦାଶ ଉପଢୌକନ ସହ ପ୍ରଶଂସାପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାମନ୍ଦିରର ସହ ସମ୍ପାଦକ ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି।

# ଜିରା ନଦୀର ସୁରକ୍ଷା କରାଯାଉ

**ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ**

**ବରଗଡ଼,୨୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠରେ ବହିଯାଇଥିବା ଜିରା ନଦୀର ସୁରକ୍ଷା ପାଇଁ ଦାବି କରାଯାଇଛି। ଏହି ଦାବି ନେଇ ଶୁକ୍ରବାର ଜିରା ନଦୀ ସୁରକ୍ଷା ସମିତି ପକ୍ଷରୁ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଆସନ୍ତା ଜାନୁଆରୀ ୩ତାରିଖରୁ ବରଗଡ଼ ଧନୁଯାତ୍ରା ଆରମ୍ଭ ହେବ। ଏହି ସମୟରେ ସହର ମଧ ଦେଇ ବହିଯାଇଥିବା ଜିରା ନଦୀ ଯମୁନା ପାଲଟିଥାଏ। ଜିରା ନଦୀକୁ ବରଗଡର ଜୀବନ ରେଖା ମଧ କୁହାଯାଏ। କିନ୍ତୁ ଧନୁଯାତ୍ରା ସମୟରେ ଜିରା ନଦୀକୁ ଅପବ୍ୟବହାର କରାଯାଏ। ନଦୀକୁ ପୋତି ସମତୁଲ କରି ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ। ଯାହାକି ନଦୀର ଅସ୍ତିତ୍ୱ ପ୍ରତି ଆହ୍ୱାନ ସୃଷ୍ଟି କରୁଛି ବୋଲି ସମିତିର ରାଜେନ୍ଦ୍ର ସିକନ୍ଦର ଅଭିଯୋଗ କରିଛନ୍ତି। ସେହିପରି ପରିବେଶ ସୁରକ୍ଷା ଦୃଷ୍ଟିରୁ ମଧ ଏହା ବ୍ୟତିକ୍ରମ ସୃଷ୍ଟି କରୁଛି। ନଦୀଗର୍ଭରୁ ବାଲି ଉଠାଯିବାରୁ ନଦୀ ନିଜର ଅସ୍ତିତ୍ୱ ହରାଇ ବସୁଛି। ଏହି ଦୃଷ୍ଟିରୁ ଜିରା ନଦୀର ସୁରକ୍ଷା ଅତି ଜରୁରୀ ବୋଲି ସମିତିର ସଦସ୍ୟମାନେ ମତପ୍ରକାଶ କରିଛନ୍ତି। ଜିରା ନଦୀ ଭିତରେ ବ୍ୟବସାୟିକ ଗୋଷ୍ଠୀ କିମ୍ବା ପ୍ରତିଷ୍ଠାନକୁ ସ୍ଥାନ ନ ଦେବା, ନଦୀ ଭିତରେ ମାଟି ପୋତାକୁ ବନ୍ଦ କରିବା, ଅବାଧ ବାଲି ଉତ୍ତୋଳନ ଉପରେ ଅଙ୍କୁଶ ଲଗେଇବା ସହ ଧନୁଯାତ୍ରାର ମନୋହର ଦୃଶ୍ୟ ଅକ୍ରୁର ଗମନ ସମୟରେ ନଦୀ ଭିତରେ ଉଠିଥିବା କାଇଁଶ ବଣକୁ ପରିଷ୍କାର କରିବାକୁ ସମିତି ଦାବିକରିଛି। ସ୍ମାରକପତ୍ର ପ୍ରଦାନ ସମୟରେ ଭବାନୀ ସାହୁ, ସରୋଜ ନାଏକ, ନିଖିଳ ପାଣିଗ୍ରାହୀ, ମାରିୟମ ବାର୍ଲା, ପବିତ୍ର ଦେହେରୀ, ଫିରୋଜ ଖାନ, ହର ବଣିଆ, ସୁଶିଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଜିରା ନଦୀ ସୁରକ୍ଷା ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ପ୍ରତିନିଧି।

## ରେନ୍‌ବୋ ପବ୍ଲିକ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ



ବିଜ୍ଞାନ ପ୍ରଦର୍ଶନୀକୁ ଉଦ୍‌ଘାଟନ କରାଯାଉଛି।

**ବରଗଡ଼,୨୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରସ୍ଥିତ ରେନ୍‌ବୋ ପବ୍ଲିକ ସ୍କୁଲରେ ଶନିବାର ୨୨ତମ ବିଜ୍ଞାନ ପ୍ରଦର୍ଶନୀ, ହସ୍ତକଳା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ ଶେଖର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ସାଇନ୍ସ କଲେଜର ଅଧକ୍ଷ ବିକାଶ କୁମାର ସେନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ବିଜ୍ଞାନ ପ୍ରଦର୍ଶନୀ, ହସ୍ତକଳା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ସମ୍ପାଦିକା ଚନ୍ଦନା ରଥଙ୍କ ତତ୍ତ୍ୱାବଧାନରେ ସ୍କାଉଟ୍ ଶିକ୍ଷକ ସୁଦର୍ଶନ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉକ୍ତ ବିଜ୍ଞାନ ପ୍ରଦର୍ଶନୀରେ ୧୫୦, ହସ୍ତକଳାରେ ୨୫୦ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ୩୦୦ରୁ ଅଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ବିଜ୍ଞାନ, ହସ୍ତକଳା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଉତ୍କୃଷ୍ଟ ମାନର ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷକ ଜୟକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଟେମରୀ ହାଇସ୍କୁଲର ବାର୍ଷିକୋତ୍ସବ

**ପାଇକମାଳ,୨୧।୧୨(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ଅଧୀନ ଟେମରୀ ହାଇସ୍କୁଲର ବାର୍ଷିକୋତ୍ସବ ପ୍ରଧାନ ଶିକ୍ଷକ ଡୋଲାମଣି ଭୋଇଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ରାଜବୋଡ଼ାସମ୍ବର ଜନକଲାଲ ମେହେର ମୁଖ୍ୟ ଅତିଥି, ପୂର୍ବତନ ବିଜ୍ଞାନ ଶିକ୍ଷକ ସତ୍ୟନାରାୟଣ ତ୍ରିପାଠୀ ମୁଖ୍ୟ ବକ୍ତା, ପୂର୍ବତନ ପ୍ରଧାନ ଶିକ୍ଷକ ଦୈତାରୀ ସ୍ୱାଇଁ, ସୁନୀଲ କୁମାର ସିହ୍ନା, ଫକିର ମୋହନ ରଣା, ସରପଞ୍ଚ ଦିଲୀପ କୁମାର ବେହେରା, ପାଲାଗୁରୁ ପ୍ରହ୍ଲାଦ ହଂସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ପାସ୍ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ଖେଳର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଶିକ୍ଷକ ଉସତଲାଲ ବେଷ୍ଟକାର, ରଞ୍ଜିତ କୁମାର ସା, ପ୍ରଦ୍ୟୁମ୍ନ ବରିହା, ମମତା ଭୁଏ, ସେବତୀ କିଷାନ, ତୃପ୍ତିମୟୀ ଧରୁଆ, ସୁମନ୍ତ ଧରୁଆ, ସୁବାସିନୀ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# କ୍ରିଷ୍ଟା ବିକାଶରେ ଶିକ୍ଷକ ତାଲିମ ଶିବିର

**ବରଗଡ଼,୨୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର କ୍ରିଷ୍ଟା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଅର୍ଥନୀତି ଶିକ୍ଷକ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଉକ୍ତ ଶିବିର ୫ଦିନ ଧରି ଚାଲିବ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସମ୍ବଲପୁରର ଉପସଚିବ ମହେନ୍ଦ୍ର ପ୍ରସାଦ ବେହେରାଙ୍କ ତତ୍ତ୍ୱାବଧାନରେ ଶିବିର ଚାଲୁଛି। ୨ଟି ଅଧିବେଶନରେ କାର୍ଯ୍ୟକ୍ରମ ଚାଲିଥିଲା। ପ୍ରଥମ ଅଧିବେଶନକୁ କ୍ରିଷ୍ଟା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ପରିଚାଳନା କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ତଥା ଉପ କୁଳସଚିବ ଡ. ଉମାଚରଣ ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରଗଡ଼ ପଞ୍ଚାୟତ କଲେଜର ପୂର୍ବତନ ଅଧକ୍ଷ ପତିତପାବନ ସାହୁ ଅନ୍ୟତମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। କ୍ରିଷ୍ଟା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଏସ୍. କାନ୍ତାରାଓ ଧନ୍ୟବାଦ ଅର୍ପଣ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ. ଡି. ପି. ପ୍ରିୟଦର୍ଶୀ ଯୋଶୀ ରେଭିନ୍ୟୁ ଆଣ୍ଡ୍ ସପ୍ଲାଏ ଉପରେ ଆଲୋକପାତ କରିଥିଲେ। କଳାହାଣ୍ଡି ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ଡ. ଚିତ୍ରସେନ ଭୁଏ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ସୁରଜ ବଡ଼ାଇକ ସେକ୍ଟରାଲ ଡେଭଲପ୍‌ମେଣ୍ଟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୪୦ ମହାବିଦ୍ୟାଳୟରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। କ୍ରୀଷ୍ଟା ବିକାଶ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସମରେନ୍ଦ୍ର ନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ତାଲିମ ଶିବିରରେ ଅଂଶଗ୍ରହଣ କରିଥିବା ଅତିଥି, ଆୟୋଜକ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକ।

# ଆଖଡ଼ାଶାଳରେ ବିଧାୟକଙ୍କୁ ଜରିମାନା

**ବରଗଡ଼ ଧନୁଯାତ୍ରା**

**ବରଗଡ଼,୨୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଜାନୁୟାରୀ ୩ତାରିଖରୁ ଆରମ୍ଭ ହେବ। ତେବେ ଅନ୍ୟବର୍ଷ ତୁଳନାରେ ଏଥର ଧନୁଯାତ୍ରା ଦୃଶ୍ୟାଭିନୟକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସମସ୍ତ କଳାକାର ଏବେଠାରୁ ଲାଗି ପଡ଼ିଛନ୍ତି। ଏହି କ୍ରମରେ ବରଗଡ଼ ଗାନ୍ଧୀଛକ କଲ୍ୟାଣ ମଣ୍ଡପ ବର୍ତ୍ତମାନ ଧନୁଯାତ୍ରା କଳାକାରଙ୍କ ପାଇଁ ଆଖଡ଼ାଶାଳ ପାଲଟିଛି ଏବଂ ଏଠାରେ ମଥୁରାନଗରୀ କଳାକାରଙ୍କ ରିହର୍ସାଲ ଚାଲିଛି। ଶୁକ୍ରବାର କଳାକାରଙ୍କ ଏହି ଆଖଡ଼ାଶାଳ ପରିଦର୍ଶନ ପାଇଁ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଆସିଥିଲେ। ବାଗ୍‌ଦେବୀଙ୍କ ପୂଜାର୍ଚ୍ଚନା ପରେ ସେ କଳାକାରଙ୍କ ରିହର୍ସାଲ ଦେଖିଥିଲେ। ତେବେ ରିହର୍ସାଲ ଚାଲିଥିବାବେଳେ କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ବିଧାୟକ ଷଡ଼ଙ୍ଗୀଙ୍କୁ ତାଙ୍କ ସମ୍ମୁଖରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ହାଜର ହେବା ପରେ କଂସ ଅଭିନେତା ବିଧାୟକଙ୍କୁ ତାଙ୍କ ନିର୍ବାଚନ ମଣ୍ଡଳୀ ଖବର ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଷଡ଼ଙ୍ଗୀ ନିଜ ନିର୍ବାଚନ ମଣ୍ଡଳୀର ଖବର ଦେବା ସହିତ ଆସନ୍ତା ଧନୁଯାତ୍ରା ଦେଖି ଆସିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମନ୍ତ୍ରୀମଣ୍ଡଳର ଅନ୍ୟ ମନ୍ତ୍ରୀମାନେ ପର୍ଯ୍ୟାୟକ୍ରମେ ମଥୁରାନଗରୀକୁ ଆସିବେ ବୋଲି କହିଥିଲେ। କଂସ ମହାରାଜ ଏଥିରେ ବିମୋହିତ ହୋଇଥିଲେ କିନ୍ତୁ ଏଭଳି ଏକ ଭଲ ଖବର ଦେବାରେ ବିଳମ୍ବ କରିଥିବା ଯୋଗୁ ବିଧାୟକ ଷଡ଼ଙ୍ଗୀଙ୍କୁ ୫ଲକ୍ଷ ସ୍ୱର୍ଣ୍ଣମୁଦ୍ରାରେ ଦଣ୍ଡିତ କରିଥିଲେ। ଏହା କଳାକାରଙ୍କ ରିହର୍ସାଲ ଥିଲେ ସୁଦ୍ଧା ଏହି ଦୃଶ୍ୟାଭିନୟରୁ ଆସନ୍ତା ଧନୁଯାତ୍ରା ମହୋତ୍ସବ କିଭଳି ଆକର୍ଷଣୀୟ ହେବ ତାହା ଆପେ ବାରି ହୋଇ ପଡ଼ିଥିଲା ବୋଲି ସ୍ଥାନୀୟ ଲୋକେ କହିଥିଲେ। ଏହି ଦୃଶ୍ୟାଭିନୟ ସମୟରେ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ଧନୁଯାତ୍ରା କଳାକାର ଉପଦେଷ୍ଟା ସମନ୍ୱୟ ସମିତିର ସହ ଆବାହକ ଅଶୋକ ବେହେରା ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।


ବରଗଡ଼ ବିଧାୟକଙ୍କୁ କଂସ ଅଭିନେତା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଉଛନ୍ତି।

# ସମସ୍ୟା ଭୋଗୁଛନ୍ତି ସହରବାସୀ

ରାଉରକେଲା,୨୧।୧୨(ସଙ୍ଗୀତା ଜେନା)

ସ୍ମାର୍ଟସିଟି ହେବା ପରେ ରାଉରକେଲାବାସୀଙ୍କୁ ସ୍ୱଚ୍ଛ ପରିମଳ ବ୍ୟବସ୍ଥା, ସ୍ମାର୍ଟ ସେବା ସମେତ ବିଭିନ୍ନ ସୁବିଧା ସୁଯୋଗ ମିଳିବ ବୋଲି ଆଶା କରାଯାଉଥିଲା। ହକି ବିଶ୍ୱକପ୍ ସମୟରେ ଯୁଦ୍ଧକାଳୀନ ଭିତ୍ତିରେ ସହରର ସୌନ୍ଦର୍ଯ୍ୟକରଣ, ନାଳନର୍ଦ୍ଦମା ନିର୍ମାଣ ଆଦି କରାଗଲା। ବର୍ତ୍ତମାନ ମହାନଗର ନିଗମ ଅଞ୍ଚଳର ଅନେକ ସ୍ଥାନରେ ଶାଖା ନାଳଗୁଡ଼ିକ ବିପର୍ଯ୍ୟସ୍ତ ହୋଇପଡିଥିବା ଦେଖିବାକୁ ମିଳିଛି। ଏଗୁଡିକର ମରାମତି କିମ୍ବା ପୁନଃନିର୍ମାଣ କରାଯାଉ ନ ଥିବାରୁ ସହରବାସୀ ନାନା ଅସୁବିଧା ଭୋଗୁଛନ୍ତି।

ରାଉରକେଲାର ୪୦ଟି ୱାର୍ଡରେ ମୁଖ୍ୟ ଓ ଶାଖା ନାଳନର୍ଦ୍ଦମା ରହିଛି। ରାଉରକେଲା ମହାନଗର ନିଗମ ଅଧୀନରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ବସ୍ତି ରହିଛି। ଏସବୁ ବସ୍ତିରେ ଥିବା ଶାଖା ନାଳଗୁଡ଼ିକ ଭାଙ୍ଗିରୁଜି ଯିବା ସହ ଆବର୍ଜନାମୟ ହୋଇପଡିଛି। ଏହାର ଉଚିତ ରକ୍ଷଣାବେକ୍ଷଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହାକୁ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଲୋକେ ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ବିଶ୍ରା ଡାହାର, ଗୋପବନ୍ଧୁପାଲୀ, ମାଲଗୋଦାମ, ମଧୁସୂଦନପାଲୀ, ରେଳବାଇ କଲୋନୀ, ଦୁର୍ଗାପୁର ପାହାଡ଼ି, ମହତାବ ରୋଡ୍ ସମେତ ବିଭିନ୍ନ ବସ୍ତିରେ ନାଳନର୍ଦ୍ଦମାର ବିପର୍ଯ୍ୟସ୍ତ ସ୍ଥିତି ଦେଖାଯାଇଛି। ଆର୍‌ଏମ୍‌ସି ଅଞ୍ଚଳ ସମେତ କୋଏଲ ନଗର, ଶକ୍ତି ନଗର, ଛେଣ୍ଡ, ବାସନ୍ତୀ କଲୋନୀ, ସିଭିଲଟାଉନଶିପ୍, ପାନପୋଷ, କୁଲୁଙ୍ଗା ଓ ଜଗଦାର କିଛି ଅଂଶରେ ପ୍ରାୟ ୨୩୫.୨୯ କି.ମି.ର ମେନ୍ ଡ୍ରେନ ସବ୍ ଡ୍ରେନ ଓ ସ୍ମଲ ଡ୍ରେନ୍ ରହିଛି। ଆର୍‌ଏମ୍‌ସି ସୂଚନା ଅନୁଯାୟୀ, ୨୦୨୪ ବର୍ଷ ପାଇଁ ୧୨ ହଜାର ସଫେଇ କର୍ମଚାରୀଙ୍କୁ ନେଇ ୫୬ ଲକ୍ଷ ୩୧ ହଜାର ଟଙ୍କା ବଜେଟ କରାଯାଇଛି। ସେହିପରି ୨୦୨୩ ମସିହା ପାଇଁ ୧୦ହଜାର ୮୩୦ ସଫେଇ କର୍ମଚାରୀଙ୍କ ଦ୍ୱାରା ୪୭ଲକ୍ଷ ୧୧ ହଜାର ଟଙ୍କାରେ ସଫେଇ ହୋଇଥିଲା। ଅନୁରୂପ ଭାବେ ୨୦୨୨ରେ ୩୫ ଲକ୍ଷ ୭୮ ହଜାର ବ୍ୟୟ ଅଟକଳ କରି ସମସ୍ତ ୱାର୍ଡ ପାଇଁ ୮ହଜାର ୨୫ ସଫେଇ କର୍ମଚାରୀ ନିୟୋଜିତ କରାଯାଇଥିଲା।

ରେଳବାଇ କଲୋନୀ ନିବାସୀ ସମାଜସେବୀ ନବୀନ ଗୁପ୍ତାଙ୍କ କହିବା ଅନୁଯାୟୀ, ମୁଖ୍ୟ ଡ୍ରେନ ନିର୍ମାଣ, ମରାମତି ତଥା ସଫେଇ କରାଯାଉଛି। ଶାଖା ନାଳ ଗୁଡ଼ିକରେ ମୁଖ୍ୟ ସମସ୍ୟା ରହିଛି। ଏହାକୁ ଉଚିତ ସମୟରେ ମରାମତି କରାଯାଉ ନ ଥିବାରୁ ସେଥିରେ ଛୋଟ ପିଲା, ପଶୁପକ୍ଷୀ ପଡ଼ିଯିବା ଭୟ ରହିଛି। ଏଥିରେ ଆବର୍ଜନା ଜଳ ଅବରୋଧ ଯୋଗୁ ଡେଙ୍ଗୁ, ମାଲେରିଆ ଆଶଙ୍କା ରହୁଛି। ଏହାବ୍ୟତୀତ ୱାର୍କୋର ଯାଇଥିବା ପାଣି ପାଇପ ଗୁଡ଼ିକ ମଧ୍ୟ ପ୍ରଦୂଷିତ ଏବଂ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି ବୋଲି ଗୁପ୍ତା କହିଥିଲେ। ସେହିପରି ମାଲଗୋଦାମ ନିବାସୀ ବିନୋଦ ପ୍ରଜାପତି କୁହନ୍ତି, ନାଳନର୍ଦ୍ଦମା ଗୁଡ଼ିକ ମରାମତି ହେଉ ନ ଥିବା ଯୋଗୁ ସ୍ଥାନୀୟ ଲୋକେ ଏହା ଉପରେ ଆବର୍ଜନା ଜମା କରିଦେବାରୁ ଜଳ ନିଷ୍କାସନ ହୋଇପାରୁନାହିଁ। ଲୋକଙ୍କ ଘର ସମ୍ମୁଖରେ ଆବର୍ଜନା ଜଳ ପ୍ରବାହିତ ହେଉଥିବାରୁ ପରିମଳ ବ୍ୟବସ୍ଥା ବିଗୁଡୁଛି ବୋଲି ପ୍ରଜାପତି କହିଥିଲେ।

ଏ ସମ୍ପର୍କରେ ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ଏସି) ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ବିରେନ୍ଦ୍ର ନନ୍ଦଙ୍କୁ ପଚରାଯିବାରୁ ସେ କହିଲେ, ପୌରାଞ୍ଚଳର ଅନେକ ସ୍ଥାନରେ ନାଳନର୍ଦ୍ଦମା ତିଆରି ଓ ମରାମତି କରାଯାଉଛି। ଅନେକ ସ୍ଥାନରେ ଜମି ବିବାଦ ରହୁଛି। ବିଶ୍ରା ଡାହାର ସମେତ କିଛି ଅଞ୍ଚଳରେ ଏହି ସମସ୍ୟା ରହୁଛି। ନିକଟରେ ସର୍ଭେ କରାଯାଇଥିଲା। ଜମି ବିବାଦ ଯୋଗୁ ନାଳ ନିର୍ମାଣ ପାଇଁ ଟେଣ୍ଡର ହୋଇପାରୁନାହିଁ। ତେବେ କିଛି ସ୍ଥାନରେ ନାଳ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଜମି ବିବାଦ ଯୋଗୁ ସମସ୍ୟା ହେଉଛି ବୋଲି ନନ୍ଦ କହିଥିଲେ। ସୂଚନାଯୋଗ୍ୟ, ୨୦୧୪ରେ ରାଉରକେଲା ମହାନଗର ନିଗମ ଘୋଷଣା ପରେ ଜଗଦା, ଝାଡତରଙ୍ଗ, ବ୍ରାହ୍ମଣୀତରଙ୍ଗ, ସାନ ବ୍ରାହ୍ମଣୀତରଙ୍ଗ, ଦକ୍ଷିଣ ଓ ପଶ୍ଚିମ ଲାଠିକଟା ପଞ୍ଚାୟତ, ବିଶ୍ରା ପଞ୍ଚାୟତ ତଥା କୋଏଲ ନଦୀ ଓ ଶଙ୍ଖ ନଦୀର ଉତ୍ତର ଦିଗ ପର୍ଯ୍ୟନ୍ତ ଆର୍‌ଏମ୍‌ସି ଅଞ୍ଚଳ ପରିସରଭୁକ୍ତ ରହିଛି।



ବିଶ୍ରା ଡାହାର ନିକଟ ଏକ ସ୍କୁଲ ପଛ ପାର୍ଶ୍ୱରେ ଥିବା ଶାଖାନାଳ ଭାଙ୍ଗିରୁଜି ଯାଇଛି।

**ସ୍ମାର୍ଟସିଟିରେ ନାଳନର୍ଦ୍ଦମା ଅବସ୍ଥା ବେହାଲ**

# ଜିମ୍ନାଷ୍ଟିକ୍ କୌଶଳ ପରୀକ୍ଷା ସରିଲା



ଅତିଥିମାନଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ରାଉରକେଲା,୨୧।୧୨(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ କଳିଙ୍ଗ ବିହାରରେ ଥିବା ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍ ପରିସରରେ ଦୁଇଦିନିଆ ଜିମ୍ନାଷ୍ଟିକ କୌଶଳ ପରୀକ୍ଷା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଓଡିଶା ଜିମ୍ନାଷ୍ଟିକ ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ଅଶୋକ ମିଶ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି ପରୀକ୍ଷାରେ ମୋଟ ୪୫ ଜଣ ଖେଳାଳି ବିଭିନ୍ନ ବର୍ଗର କୌଶଳ ପରୀକ୍ଷା ଦେଇଥିବାବେଳେ ୨୮ ଜଣ ପରବର୍ତ୍ତୀ ବର୍ଗକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଡିଶା ଗସ୍ତରେ ଥିବା ବିଶ୍ୱ ଜିମ୍ନାଷ୍ଟିକ ମହାସଂଘ ଟେକ୍ନିକାଲ ବିଭାଗ ସଭାପତି ଆମେରିକୀୟ ଷ୍ଟିଭ ବୁଚର ଓ ମୁଖ୍ୟ କୋଚ୍ ଅଶୋକ ମିଶ୍ର ପରୀକ୍ଷା ପରିଚାଳନା କରିଥିଲେ। ରାଜ୍ୟ ଜିମ୍ନାଷ୍ଟିକ ସଂଘ ନିର୍ଦ୍ଦେଶିକା ପୂଜାଶ୍ରୀ ବରାଳ ଉପସ୍ଥିତ ଥିଲେ। ରାଉରକେଲା ଜିମ୍ନାଷ୍ଟିକ କେନ୍ଦ୍ରର ମୁଖ୍ୟ ପ୍ରଶିକ୍ଷକ ରମେଶ ଚନ୍ଦ୍ର ବେହେରା ଓ ସାୟନ ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ପୋଲିସ ଅଧିକାରୀ ପ୍ରଶାନ୍ତ କୁମାର ମହାପାତ୍ର ଓ ରାଜ୍ୟ ଜିଏସ୍‌ଟି ଯୁଗ୍ମ ଆୟୁକ୍ତ ସୁଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। ବିଭିନ୍ନ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜିଲା ଜିମ୍ନାଷ୍ଟିକ ସଂଘର ସୁଚିତ୍ରା ଦାସ, ଦୀପ୍ତି ସୁନ୍ଦରରାୟ, ଗରିମା ପତ୍ରୀ, ବିଜୟ ସୁନ୍ଦରରାୟ, ମୁକେଶ ସିହ୍ନା, ଦେବାଶିଷ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଶିଶୁଙ୍କ ଅନ୍ତର୍ନିହିତ ଗୁଣାବଳୀ ପ୍ରକାଶକୁ ଗୁରୁତ୍ୱ

ରାଉରକେଲା,୨୧।୧୨( ସଙ୍ଗୀତା ଜେନା)

ବର୍ତ୍ତମାନ ଶିଶୁଙ୍କ ମନୋଭାବକୁ ପଢ଼ିବା ଜରୁରୀ ଅଟେ। ତାକୁ ଅନ୍ୟ ସହ ତୁଳନା କରିବା ଆଦୌ ଗ୍ରହଣୀୟ ନୁହେଁ। ଯଥାସାଧ୍ୟ ଶିଶୁର ଅନ୍ତର୍ନିହିତ ଗୁଣାବଳୀକୁ ଚିହ୍ନିବା ସହ ଏହାକୁ ପ୍ରସ୍ଫୁଟିତ କରିବା ଦିଗରେ ଗୁରୁତ୍ୱ ଦେବା ଉଚିତ୍। ଅଭିଭାବକ ଏ ଦିଗରେ ଯତ୍ନବାନ ହେଲେ ଶିଶୁ ଉଜ୍ଜ୍ୱଳ ଭବିଷ୍ୟତ ଆଡକୁ ଅଗ୍ରସର ହେବ ବୋଲି ସେକ୍ଟର-୨ ମାକ୍ସମୁଲାର ଭବନରେ ଆୟୋଜିତ ଜଗଦା ସନ୍‌ରାଇଜର୍ସ ସ୍କୁଲର ବାର୍ଷିକୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଲାୟନ୍ସ କ୍ଲବ ଅଫ୍ ବେଦବ୍ୟାସ କୋହିନୂର ସହଯୋଗରେ ଆୟୋଜିତ ଉକ୍ତ ୩ୟ ବାର୍ଷିକୋତ୍ସବରେ ଲାୟନ୍ ରଶ୍ମି ମିଶ୍ର, ବୈଶାଳୀ ଖରିଆ ଓ ପ୍ରିୟା ମେହେରୋତ୍ରା ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ଅଧକ୍ଷା ରୁବିନା ରନ୍ଧୱାଙ୍କ ଅଧ୍ୟକ୍ଷତାରେ ସ୍କୁଲର କୁନି କୁନି ଛାତ୍ରୀଛାତ୍ରମାନେ ନୃତ୍ୟ, ଗୀତ, ଫ୍ୟାନ୍ସି ଡ୍ରେସ, ଫ୍ୟାଶନ୍ ଶୋ ପ୍ରଦର୍ଶନ କରିଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କୋହିନୂରର ସଭାପତି ଜସ୍‌ପାଲ ପାବଲା, ସମ୍ପାଦିକା ମୋନିକା ତେଜାୱତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇପ୍ସା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍କୁଲର ପିଙ୍କି ସାହୁ, ରିତା ସାହୁ, ଅନ୍ନପୂର୍ଣ୍ଣା ସାହୁ, ମୋନାଲିସା କୁମାରୀ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# ଆର୍‌ଏସ୍‌ପିକୁ କଳିଙ୍ଗ ସୁରକ୍ଷା ଉତ୍କର୍ଷତା ପୁରସ୍କାର

ରାଉରକେଲା,୨୧।୧୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଦୁଇଟି ବର୍ଗରେ ମର୍ଯ୍ୟାଦାଜନକ ୧୫ତମ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର ଲାଭ କରିଛି। ଆରଏସ୍‌ପି ପ୍ଲାଟିନମ ବର୍ଗରେ କଳିଙ୍ଗ ସୁରକ୍ଷା ଉତ୍କର୍ଷତା ପୁରସ୍କାର ପାଇଛି, ଯାହା ଇସ୍ପାତ କାରଖାନା କ୍ଷେତ୍ରରେ ସର୍ବୋଚ୍ଚ ପୁରସ୍କାର ଅଟେ। ସେହିଭଳି ଆର୍‌ଏସ୍‌ପିର ଓଡିଶା ଗ୍ରୁପ୍ ଅଫ ମାଇନ୍ସ ଅଧୀନରେ ଥିବା ବଲାଣି ଓର୍ ମାଇନ୍ସ (ବିଓଏମ୍) ପ୍ଲାଟିନମ ବର୍ଗରେ ଲୁହାପଥର ଖଣି କ୍ଷେତ୍ରରେ କଳିଙ୍ଗ ସୁରକ୍ଷା ଉତ୍କର୍ଷତା ପୁରସ୍କାର ଲାଭ କରିଛି। ଗତ ୧୮ତାରିଖରେ ଭୁବନେଶ୍ୱରଠାରେ ଆୟୋଜିତ ଜାତୀୟ ସୁରକ୍ଷା କନ୍‌କ୍ଲେଭ-୨୦୨୪ରେ ଆର୍‌ଏସ୍‌ପି ପକ୍ଷରୁ କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସୁରକ୍ଷା ଓ ଅଗ୍ନି ବିଭାଗ ମୁଖ୍ୟ ମହାପ୍ରବନ୍ଧକ ଆଶା କାର୍ଥା ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ବଲାଣି ଲୌହଖଣି ପାଇଁ ଆଲୋକ ବର୍ମା ଓ ବିଓଏମ୍‌ର ସିଜିଏମ ଜୟଦେବ ଚଟ୍ଟୋପାଧ୍ୟାୟ ଏହି ପୁରସ୍କାର ଗ୍ରହଣ କରିଥିଲେ। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହି ପୁରସ୍କାର ପ୍ରଦାନ କରିଥିଲେ। ଲେସ୍‌ପଥୋ ଗଣରାଜ୍ୟର ହାଇକମିଶନର ଲେବୋହାଙ୍ଗ ଭାଲେନଟିନ ମୋଚାବା ଏହି ଅବସରରେ ଉପସ୍ଥିତ ଥିଲେ। ଉତ୍ପାଦକତା, ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ବିକାଶ ଓ ବୃଦ୍ଧି ପାଇଁ ଏହି ପୁରସ୍କାର ଆରଏସ୍‌ପିର ପ୍ରତିବଦ୍ଧତାର ସ୍ୱୀକୃତି ପ୍ରଦାନ କରୁଛି। ହାଇଦ୍ରାବାଦର ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ଏଣ୍ଟରପ୍ରାଇଜେସ ସହିତ ମିଳିତ ଭାବେ ଆଇକ୍ୟୁଇଏମ୍‌ଏସ୍ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ (ଏସ୍‌ଏଚ୍‌ଇ) ପ୍ରତି ସଙ୍ଗଠନର ଅଦମ୍ୟ ପ୍ରତିବଦ୍ଧତାର ଏହି ସମ୍ମାନଜନକ ପୁରସ୍କାର ଏକ ସ୍ୱୀକୃତ ଅଟେ। ଏକ ବିଶ୍ୱସ୍ତରୀୟ ସୁରକ୍ଷା ମାନଦଣ୍ଡକୁ କାର୍ଯ୍ୟକାରୀ ସହ ପରିଚାଳନା କରିବା, ଏହାର କର୍ମଚାରୀ, ଠିକା ଶ୍ରମିକ ଓ ସମ୍ପ୍ରଦାୟର ସୁସ୍ଥତାକୁ ସୁନିଶ୍ଚିତ କରିବା ପାଇଁ ଆର୍‌ଏସ୍‌ପିର ପ୍ରୟାସକୁ ଏହି ସ୍ୱର୍ଣ୍ଣ ପୁରସ୍କାର ସ୍ୱୀକୃତି ଦେଉଛି। ଓଏସ୍‌ଏସ୍‌ସି ଦ୍ୱାରା ଆୟୋଜିତ ୧୫ତମ ଜାତୀୟ ସୁରକ୍ଷା କନକ୍ଲେଭରେ ଦେଶର ବିଭିନ୍ନ ସ୍ଥାନରୁ ସୁରକ୍ଷା ବୃତ୍ତିଧାରୀ, ବିଶେଷଜ୍ଞ ଏବଂ ସଙ୍ଗଠନ ଯୋଗ ଦେଇଥିଲେ।




ଆର୍‌ଏସ୍‌ପିକୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଉଛି।

# ରାଉରକେଲା କଲେଜର ବାର୍ଷିକ କ୍ରୀଡ଼ୋତ୍ସବ

ରାଉରକେଲା,୨୧।୧୨(ବିପ୍ଳବ ରଞ୍ଜନ ଦାଶ)

ସେକ୍ଟର-୪ ସ୍ଥିତ ରାଉରକେଲା କଲେଜ ଓ ରାଉରକେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱି ଦିବସୀୟ ୩୮ତମ ବାର୍ଷିକ କ୍ରୀଡା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱ ଓ ଅଧ୍ୟାପିକା ବୈଜୟନ୍ତୀ ବାରିକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଫଟୋଗ୍ରାଫର ଆସୋସିଏଶନ ସଭାପତି ଅତୁଲ ସାଂଘଭି ମୁଖ୍ୟ ଅତିଥି, ଡ. ସୁଷମା ମୋଦି, ଶିକ୍ଷାବିତ୍ ନିରୂପମା ପତି, ଉଷା ସାଂଘଭି ଏବଂ ଜାତୀୟ କ୍ରୀଡାବିତ୍ ନିଖିଳ କଳାକାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ାର ଆବଶ୍ୟକତା, ଆତ୍ମବିଶ୍ୱାସ, ଅନୁଶାସନ, ଅଭ୍ୟାସ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଯୁକ୍ତ ୩ କ୍ରୀଡ଼ା ଉପସଭାପତି ଅଧାପକ କରୁଣାକର ପାଟ୍ଟଶାଣୀ ବାର୍ଷିକ ବିବରଣୀ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ କ୍ରୀଡାବିତ୍ ମୁକ୍ତେଶ୍ୱର ପଣ୍ଡା, ସତ୍ୟନାରାୟଣ ରକ୍ସା, ପ୍ରସନ୍ନ କୁମାର ଷଡଙ୍ଗୀ, ପ୍ରଦୀପ କୁମାର ପଣ୍ଡା, ପ୍ରଭାତ କୁମାର ରାଉଳ, ସମୀର ସାହୁ, ସୁଶାନ୍ତ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ପ୍ରଧ୍ୟାପିକା ତପସ୍ୱିନୀ ମିଶ୍ରଙ୍କ ପରିଚାଳନାରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ଯୁକ୍ତ ୩ ବାଳକ ବିଭାଗରେ ଅବିନାଶ ମୁଣ୍ଡାରୀ, ବାଳିକା ବିଭାଗରେ ଏଲିସ୍ ବାରା ଓ ଯୁକ୍ତ ୨ ବାଳକ ବିଭାଗରେ ଶାୱନ ଟପ୍ପୋ ଓ ବାଳିକା ବିଭାଗରେ ସୁଚିତା ତିର୍କିଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଯୁକ୍ତ ୨ କ୍ରୀଡ଼ା ଉପସଭାପତି ଅଜିତ ବେକ୍, ସହଯୋଗୀ ଅଧ୍ୟାପିକା ଅଧ୍ୟାପକ ରଞ୍ଜିତ ପ୍ରଧାନ, ରଶ୍ମିପ୍ରଭା ମଥାନ, ତରଣୀ ନାୟକ, ମନୋଜ କୁମାର ଦଳାଇ, ରଶ୍ମିରଞ୍ଜନ ରାଉତ, ବନ୍ଦନା ସୋରେନ, ଅନୁପ ଏକ୍କା, ଦିପାଳୀ ପଧାନ, ଭାରତୀ ବରୁଆ, ମୌସୁମୀ ଦାସ, ସ୍ୱେଚ୍ଛାସେବୀ ଅଜୟ ଗୌଡ, ଜଗନ ମହାନ୍ତି, ବିକି ନାଗ ପ୍ରମୁଖ ସହଯୋଗ କରିଥିଲେ। ଅଧାପକ ଅଜିତ ବେକ୍ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ବାସିନ୍ଦାଙ୍କୁ ଥଇଥାନ କରି ବସ୍ତି ହଟାଅ

ରାଉରକେଲା,୨୧।୧୨(ବିପ୍ଳବ ରଞ୍ଜନ ଦାଶ)

**ନଗର ଉନ୍ନୟନ ମନ୍ତ୍ରୀ କଲେ ସୁଲଭ ବାସଗୃହ ସ୍ଥଳ ପରିଦର୍ଶନ**

ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଶନିବାର ରାଉରକେଲାସ୍ଥିତ ଛେଣ୍ଡଠାରେ ନିର୍ମିତ ସୁଲଭ ବାସଗୃହସ୍ଥଳ ପରିଦର୍ଶନ କରିଥିଲେ। ମନ୍ତ୍ରୀ ସ୍ଥାନୀୟ ବସ୍ତି ବାସିନ୍ଦାଙ୍କ ପାଇଁ ଉପଲବ୍ଧ ଥିବା ସମସ୍ତ ସୁବିଧା ବିଷୟରେ ପଚାର ବୁଝିଥିଲେ। ଯେଭଳି ବସ୍ତିବାସିନ୍ଦାଙ୍କୁ ସମସ୍ତ ମୌଳିକ ସୁବିଧା ସୁଯୋଗ ଠିକ୍ ଭାବେ ମିଳିପାରିବ ଏବଂ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ପରିବେଶରେ ସର୍ବଦା ସ୍ୱଚ୍ଛତା ବଜାୟ ରହିବ ସେ ଦିଗରେ ଧ୍ୟାନ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି ସହରର ସର୍ବାଙ୍ଗୀନ ବିକାଶ ଓ ବସ୍ତି ବାସିନ୍ଦାଙ୍କ ସୁରକ୍ଷିତ ଆଶ୍ରୟକୁ ସୁନିଶ୍ଚିତ କରିବା ପାଇଁ ଅଧିକରୁ ଅଧିକ ସୁଲଭ ବାସଗୃହ ପ୍ରକଳ୍ପ ନିର୍ମାଣ କରିବାକୁ ଅଧିକାରୀଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଯଥାଶୀଘ୍ର ଗୃହ ଆବଣ୍ଟନ କରି ହିତାଧିକାରୀମାନଙ୍କୁ ତ୍ୱରିତ ବାସଗୃହସ୍ଥଳକୁ ସ୍ଥାନାନ୍ତର କରିବା ଓ ବସ୍ତି ହଟାଇବା ପାଇଁ ସେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ପୂର୍ବତନ ବିଧାୟକ ଶଙ୍କର ଓରାମ, ଭାଜପା ସଭାନେତ୍ରୀ ଲତିକା ପଟ୍ଟନାୟକ ଏବଂ ବିଭିନ୍ନ ବିଭାଗୀୟ ପ୍ରଶାସନିକ ଅଧିକାରୀମାନେ ସମ୍ମିଳିତ ରହିଥିଲେ।

# ଲହୁଣିପଡ଼ା ଲ୍ୟାମ୍ପସ ପକ୍ଷରୁ ଧାନ ମଣ୍ଡି ଉଦ୍‌ଘାଟିତ

ଲହୁଣୀପଡ଼ା,୨୧।୧୨(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଲ୍ୟାମ୍ପସର ଧାନ ମଣ୍ଡି ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ମୁଖ୍ୟ ବକ୍ତା ସୁନ୍ଦରଗଡ ଜିଲା ସମବାୟ ସମିତି ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ଏମପି ପ୍ରତିନିଧି ନମିତା ମାହାନ୍ତ, ଲହୁଣୀପଡା ତହସିଲଦାର ବାବୁଲ ପେରେଇ, ଏଆରସିଏସ ଅଜୟ କୁମାର ସେଠୀ ଯୋଗ ଦେଇଥିବା ବେଳେ ଲ୍ୟାମ୍ପସ ସଭାପତି କିଶୋର କୁମାର ନାୟକ ସଭାପତିତ୍ୱ କରିଥିଲେ। ଏସିଏସଓ ମନୋଜ କୁମାର ରଥ ପରିଚୟ ପ୍ରଦାନ ଓ ମଞ୍ଚପରିଚାଳନା କରିଥିଲେ। ଲହୁଣୀପଡା ଲ୍ୟାମ୍ପ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଲହୁଣୀପଡା ଲ୍ୟାମ୍ପସ ଉପସଭାପତି ଜମ୍ବବତୀ ନାଏକ, ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ପାତ୍ର, ବ୍ଲକ ଯୋଗାଣ ଅଧିକାରୀ ଶ୍ୟାମ ଚରଣ ମାଝୀ, କୃଷି ଉପ ଅଧିକାରୀ ରିନ୍ଦି ହାସଂଦା, ଆରଏମସି ସଂପାଦକ ତ୍ରିନାଥ ରାଉତ ଯୋଗ ଦେଇଥିଲେ। ଲ୍ୟାମ୍ପସ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିମାନେ ଫିତାକାଟି ଧାନ ମଣ୍ଡିକୁ ଉଦ୍‌ଘାଟନ କରୁଛନ୍ତି।

## ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ

ବନ୍ଧମୁଣ୍ଡା,୨୧।୧୨(ସୁବ୍ରତ ଦେ)

ବନ୍ଧମୁଣ୍ଡା ସେକ୍ଟର-ଏ ସ୍ଥିତ ସରସ୍ୱତୀ ସପୋର୍ଟ କ୍ଲବ୍ ଏବଂ ମୁଖୀ ସମାଜ ସମିତିର ନେତୃତ୍ୱରେ ଆୟୋଜିତ ୨ ଦିବସୀୟ ୫ତମ ନକ୍ ଆଉଟ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ଷ୍ଟାର୍ ବୋଉଜ୍ ଏବଂ ଓସିନ୍ କ୍ଲବ୍ ମଧ୍ୟରେ ଖେଳାଯାଇଥିଲା। ଯେଉଁଥିରେ ଷ୍ଟାର୍ ବୋୟେଜ୍ ଟାଇବ୍ରେକରରେ ଓସନ୍ କ୍ଲବ୍‌କୁ ୫-୪ ଗୋଲରେ ପରାସ୍ତକରି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି। ଏହି ମ୍ୟାଚକୁ ରୋଶନ ଖାନ, ରବି ଗୋପ, ମଣ୍ଟୁ ତିର୍କୀ, ନିକୁ ତନ୍ତୀ ପରିଚାଳନ କରିଥିଲେ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହରେ ରାଉରକେଲାର ପୂର୍ବତନ ମେୟର ନିହାର ରାୟ ଏବଂ ବନ୍ଧମୁଣ୍ଡା ଥାନା ଅଧିକାରୀ ଶ୍ରୀକାନ୍ତ ଖମାରି ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ନୀତୀଶ ମୁଖୀ, ନୀରଜ ମୁଖୀ, ଶଙ୍କର ମୁଖୀ, ମୋହନ ମୁଖୀ, ଚତୁର୍ଭୁଜ ମୁଖୀ, କରଣ ମୁଖୀ, ମହେଶ ମୁଖୀ, ସରବନ୍ୟା ମୁଖୀ, ସିହ୍ନା ପଣ୍ଡା, ପୱନ ମୁଖୀ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ମହୁଚାଷ ପାଇଁ ରହିଛି ବ୍ୟାପକ ସମ୍ଭାବନା

ସୁନ୍ଦରଗଡ,୨୧।୧୨(ଜୟ ନାରାୟଣ ମେହେଲି)

**ସୁନ୍ଦରଗଡ଼ରେ ମହୁମାଛି ପାଳନ ଦକ୍ଷତା ବିକାଶ ତାଲିମ ଶିବିର**

କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୧ ଦ୍ୱାରା ଓଡ଼ିଶା ଖଣିଜ ଧାରକ କ୍ଷେତ୍ର ବିକାଶ ନିଗମ (ଓମ୍ୱାଡସି) ଓ ଭାରତୀୟ କୃଷି ଗବେଷଣା ପରିଷଦ ଅନ୍ତର୍ଗତ ଜନଜାତି ଉପଯୋଜନାଙ୍କ ଆର୍ଥିକ ପ୍ରୋତ୍ସାହନ ଦ୍ୱାରା ଡିସେମ୍ବର ୧୬ରୁ ୨୦ତାରିଖ ପର୍ଯ୍ୟନ୍ତ ମହୁମାଛି ପାଳନ ଶୀର୍ଷକ ୫ ଦିନିଆ ଦକ୍ଷତା ବିକାଶ ତାଲିମ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଜିଲାର ଅଧିକାରୀ କମିଟିଙ୍କ ଦ୍ୱାରା ଚୟନ କରାଯାଇଥିବା ୩୦ଜଣ ମହିଳା ଓ ପୁରୁଷଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ରୋଜଗାରର ପନ୍ଥା ଭାବେ ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ଉପରେ ତାଲିମ୍ ଦିଆଯାଇଥିଲା। ଗ୍ରାମୀଣ ଶିକ୍ଷିତ ଯୁବତୀଯୁବକଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାରର ପନ୍ଥାଭାବେ ମହୁଚାଷକୁ ଗ୍ରହଣ କରିବା ଲକ୍ଷନେଇ ଏହି ତାଲିମ୍ ଶିବିର ଆୟୋଜିତ ହୋଇଥିଲା। ପ୍ରଶୀକ୍ଷାର୍ଥୀମାନଙ୍କୁ ମହୁଚାଷ ପାଇଁ ବ୍ୟବହୃତ ବିଭିନ୍ନ ଉପକରଣ, ମହୁମାଛିର ପ୍ରକାର, ଜୀବନଚକ୍ର, ଋତୁ ଅନୁଯାୟୀ ମହୁମାଛି ପାଳନ, ଦଳ ବିଭାଜନ, ରୋଗ-ପୋକ ପରିଚାଳନା, ଅମଳ, ବିକ୍ରିବଟା, ପ୍ରସ୍ତୁତି ପ୍ରଣାଳୀ ତଥା ସରକାରୀ ଯୋଜନା ଓ ସୁବିଧା ସୁଯୋଗ ଆଦି ବିଷୟରେ ତାଲିମ୍ ପ୍ରଦାନ କରାଯିବା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ଜ୍ଞାନ କୌଶଳକୁ ପ୍ରଦର୍ଶନ କରାଯାଇଥିଲା। ପ୍ରଶିକ୍ଷାର୍ଥୀମାନଙ୍କୁ ଓୟୁଏଟିର ସହକାରୀ ପ୍ରଫେସର ଡ. ଉତ୍ତମ କୁମାର ବେହେରା, ଅନୁଭବୀ ମହୁଚାଷୀ ଶତୃଘ୍ନ ମିଶ୍ର, ବିରଞ୍ଚି ନାୟକ ପ୍ରମୁଖ ତାଲିମ ପ୍ରଦାନ କରିବା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ସେମାନଙ୍କୁ ଚାଷ କୌଶଳ ବୁଝାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ବୈଜ୍ଞାନିକ ଆଶିଷ କୁମାର ମହାନ୍ତି, ଡ.ମନୋଜ କୁମାର ଜେନା, ଡେଭିଡ୍ ଜେମସ୍ ବାଗେ, ବିଷୟ ବସ୍ତୁ ବିଶେଷଜ୍ଞ ଡ.ଦ୍ୱିବେନ୍ଦୁ ମଣ୍ଡଳ, କାର୍ଯ୍ୟକ୍ରମ ସହାୟକ ବିଦ୍ୟାଧର ଟୁଡୁ ପ୍ରମୁଖ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ୍ ପ୍ରଦାନ କରିବା ସହିତ ଜିଲାରେ କିପରି ବହୁ ମହୁଚାଷ ଉଦ୍ୟୋଗୀ ସୃଷ୍ଟି କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ତାଲିମ କାର୍ଯ୍ୟକ୍ରମ ସହିତ ପ୍ରଶିକ୍ଷାର୍ଥୀମାନଙ୍କୁ ଟାଙ୍ଗରପାଲି ବ୍ଲକସ୍ଥିତ ମହୁଲପାଲି ଗ୍ରାମରେ ହୋଇଥିବା ମହୁଚାଷକୁ ପରିଭ୍ରମଣରେ ନିଆଯାଇଥିଲା। ଶେଷ ଦିବସରେ ଆଞ୍ଚଳିକ ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୀବ ବିଶ୍ୱାସୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ମନୋଜ କୁମାର ଜେନା, ଡେଭିଡ୍ ଜେମସ୍ ବାଗେ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ବିଷୟରେ କହିବା ସହିତ ମହୁଚାଷକୁ ଉଦ୍ୟୋଗ ହିସାବରେ କରିବାପାଇଁ ଉତ୍ସାହିତ କରିଥିଲେ। ଶେଷରେ ସଫଳ ପ୍ରଶିକ୍ଷାର୍ଥୀମାନଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସମଗ୍ର ତାଲିମ୍ ଶିବିରକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡେଭିଡ୍ ଜେମସ୍ ବାଗେ ସୁଚାରୁରୂପେ ପରିଚାଳନା କରିଥିଲେ। କେନ୍ଦ୍ରର କମ୍ପ୍ୟୁଟର ପୋଗ୍ରାମର ଅରୁଣ କୁମାର ମିଶ୍ର, ଷ୍ଟେନୋ କମଳ ଲୋଚନ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଖେଳପଡ଼ିଆ ପଟ୍ଟା ସ୍କୁଲ ନାମରେ କରିବାକୁ ଦାବି

ପଢ଼ିଆବାହାଲ,୨୧।୧୨(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ବାହାମ ପଞ୍ଚାୟତ ଆଦିବାସୀ ସରକାରୀ ନୋଡାଲ ହାଇସ୍କୁଲ ସମ୍ମୁଖରେ ଏକ ଖେଳ ପଡିଆ ଅଛି। ଏହି ପଡିଆ ସ୍କୁଲ ପିଲାଙ୍କ ଖେଳକୁଦ ପାଇଁ ସଂରକ୍ଷିତ ରହିଛି। ହେଲେ ଏହାର ପଟ୍ଟା ସ୍କୁଲ ନାମରେ କରି ସମ୍ପୂର୍ଣ୍ଣଭାବେ ଏହାକୁ ସତକୁଳକୁ ହସ୍ତାନ୍ତର କରିବାକୁ ଦାବି ହୋଇଛି। ଏହି ଉପଲକ୍ଷେ ଶନିବାର ସ୍କୁଲ ପରିସରରେ ସରପଞ୍ଚ ସରସ୍ୱତୀ ଭୁସାଗରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲ ପିଟିଏ କମିଟି, ଏସ୍ଏମସି, ଗ୍ରାମବାସୀ, ୱାର୍ଡସଭ୍ୟ, ଅଞ୍ଚଳର ବହୁ ଶିକ୍ଷପ୍ରେମୀ, ସ୍କୁଲ ଅଲୁମ୍ନି କମିଟି, ଅଭିଭାବକ, ଅଭିଭାବିକା ଓ ସ୍କୁଲ କର୍ମଚାରୀ ଯୋଗଦେଇଥିଲେ। ଦୀର୍ଘବର୍ଷ ହେଲା ଉକ୍ତ ଖେଳ ପଡିଆ ସ୍କୁଲ ନାମରେ ହୋଇପାରି ନ ଥିବା ନେଇ ଆଲୋଚନା କରାଯାଇଥିଲା। ପ୍ରାୟ ୫ ଏକର ପରିମିତ ଜମିରେ ଥିବା ଏହି ଖେଳ ପଡିଆକୁ ବିଧିବଦ୍ଧଭାବେ ଆଦିବାସୀ ହାଇସ୍କୁଲ ନାମରେ ଲିପିବଦ୍ଧ କରାଇବାକୁ ସ୍ଥିର କରାଯାଇଛି। ଏଥିନିମନ୍ତେ ଏକ କାର୍ଯ୍ୟକାରୀ କମିଟି ଗଠନ ପାଇଁ ମଧ୍ୟ ପ୍ରସ୍ତାବ ଗୃହୀତ ହୋଇଛି। ପ୍ରଧାନଶିକ୍ଷକ ନିର୍ମଳ ଚନ୍ଦ୍ର ଭୋଇ, ସରପଞ୍ଚ ଭୁସାଗରଙ୍କୁ ଏଥିପାଇଁ ପଦକ୍ଷେପ ନେବାକୁ ବୈଠକରେ ଦାୟିତ୍ୱ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା, ସଞ୍ଜୀବ ନାଥ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ନାୟକ, ଚାଷୀ ପ୍ରଫୁଲ୍ଲ ପଣ୍ଡା, ଚିନ୍ତାମଣି ଗରଡିଆ, ନିତ୍ୟାନନ୍ଦ ସିଂଘ, ସନ୍ତୋଷ କୁମାର ସାହୁ, ରାଧାମୋହନ ଷଡ଼ଙ୍ଗୀ, ଜଗବନ୍ଧୁ ପରିମାଣିକ, ଶେଷଦେବ ପଣ୍ଡା, ଜ୍ୟୋତିଷ କିଶୋର ମିଶ୍ର, ନରେନ୍ଦ୍ର ପଟେଲ, ଦେବାନନ୍ଦ ଭୁସାଗର ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକ ମହୋତ୍ସବ ଆୟୋଜନ ନେଇ ସମୀକ୍ଷା

ସମ୍ବଲପୁର,୨୧।୧୨(ଭବାନୀ ଶଙ୍କର ଭୋଇ)


ଲୋକ ମହୋତ୍ସବ ପ୍ରଚାର ସାମଗ୍ରୀକୁ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ ଉନ୍ମୋଚନ କରୁଛନ୍ତି।

■ ରବିବାର ଉଦ୍‌ଘୋଷିକା, ଉଦ୍‌ଘୋଷକ ଚୟନ
■ ୨୫ରେ ହେବ ଚିତ୍ର କର୍ମଶାଳା

ଜାନୁୟାରୀ ୪ ତାରିଖରୁ ଆୟୋଜିତ ହେବାକୁ ଥିବା ସମ୍ବଲପୁର ଲୋକ ମହୋତ୍ସବ ପାଇଁ ଶନିବାର ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକରେ ସମସ୍ତ କମିଟି ନିଜର ବଜେଟ ଏବଂ କାର୍ଯ୍ୟକ୍ରମ ଆୟୋଜନରେ ଅଗ୍ରଗତି ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଲୋକ ମହୋତ୍ସବ-୨୫ର ପ୍ରଚାର ପ୍ରସାର ପାଇଁ ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ଆୟୋଜିତ ବୈଠକରେ ଆସନ୍ତା ରବିବାର ତପସ୍ୱିନୀ ପ୍ରେକ୍ଷାଳୟରେ ଉଦ୍‌ଘୋଷିକା ଉଦଘୋଷକ ଚୟନ ଶିବର ଆୟୋଜନ କରାଯିବା ନେଇ ଉଦ୍‌ଘୋଷକ କମିଟି ସୂଚନା ଦେଇଥିଲେ। ଲୋକ ମହୋତ୍ସବରେ ଅଭିଜ୍ଞମାନଙ୍କ ସହ ନୂତନ ଉଦ୍‌ଘୋଷକ ମାନଙ୍କୁ ସୁଯୋଗ ଦେବାପାଇଁ ଚେଷ୍ଟା କରାଯାଉଥିବା କମିଟି ପକ୍ଷରୁ କୁହାଯାଇଛି। ଆଗ୍ରହୀ ପ୍ରତିଯୋଗୀ ମାନଙ୍କୁ ଏହି ଚୟନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଏଥିରେ ଓଡ଼ିଆ, ଇଂଲିଶ, ହିନ୍ଦୀ ଭାଷା ସହ ସମ୍ବଲପୁରୀକୁ ପ୍ରାଧାନ୍ୟ ଦିଆଯିବ। ସେହିପରି ଡିସେମ୍ବର ୨୫ରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚିତ୍ର କର୍ମଶାଳା ଅନୁଷ୍ଠିତ ହେବା ନେଇ ବୈଠକରେ ସୂଚନା ଦିଆଯାଇଛି। ଏଥିରେ ସମସ୍ତ ସ୍କୁଲ ଏବଂ କଲେଜରେ ଛାତ୍ରୀଛାତ୍ରଙ୍କୁ ସାମିଲ ହେବାକୁ ଅନୁରୋଧ କରାଯାଇଛି। ଯେଉଁମାନେ ପ୍ରଦର୍ଶନୀ ପାଇଁ ଚିତ୍ର ଦେବାକୁ ଚାହୁଁଛନ୍ତି ସେମାନଙ୍କୁ ପ୍ରଦର୍ଶନୀ ଉପକମିଟି ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଚଳିତବର୍ଷ ଲୋକ ମହୋତ୍ସବ ପ୍ରଦର୍ଶନୀରେ ରଙ୍ଗୋଲି ଏବଂ ଝୋଟି ମଧ୍ୟ ପ୍ରଦର୍ଶନ କରାଯିବ ବୋଲି ଜଣାପଡିଛି । ସେହିପରି ବିଭିନ୍ନ କମିଟି ନିଜର ଯୋଜନା ଉପସ୍ଥାପନ କରି ଆବଶ୍ୟକ ପରିବର୍ତ୍ତନ କରିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ। ବୈଠକରେ ମହାନଗର ନିଗମ କମିଶନର ବେଦ ଭୂଷଣ, ଅତିରିକ୍ତ ଜିଲାପାଳ ସୁଚାରୁ ବଳ, ଉପଜିଲାପାଳ ଡ଼ ପୁଷ୍ପାଞ୍ଜଳି ପଣ୍ଡା, ଜିଲା କ୍ରୀଡା ଅଧିକାରୀ ସତ୍ୟ ନାରାୟଣ ତାଣ୍ଡି, ଲୋକ ମହୋତ୍ସବ ସଂଯୋଜକ ପ୍ରଫୁଲ୍ଲ ହୋତାଙ୍କ ସମେତ ସମସ୍ତ କମିଟି କର୍ମକର୍ତ୍ତା ବୈଠକରେ ସାମିଲ ହୋଇଥିଲେ।

# ଭୀମ ଭୋଇ କଲେଜକୁ 'ବି' ଗ୍ରେଡ୍ ମାନ୍ୟତା

ରେଢାଖୋଲ,୨୧।୧୨(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ଭୀମ ଭୋଇ କଲେଜକୁ ରାଷ୍ଟ୍ରୀୟ ମୂଲ୍ୟାୟନ ଓ ପ୍ରତ୍ୟାୟନ ପରିଷଦ(ନାକ) 'ବି' ଗ୍ରେଡର ମାନ୍ୟତା ପ୍ରଦାନ କରିଛି। ତୃତୀୟ ଚକ୍ର ମାନ୍ୟତା ପାଇଁ ନାକ୍‌ର ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ତାମିଲନାଡୁ ଆଲଗାପ୍ପା ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସୁବିହା ଶୋକିଆହଙ୍କ ଅଧ୍ୟକ୍ଷତାରେ ଗୁଜୁରାଟ ସର୍ଦ୍ଦାର ପଟେଲ ବିଶ୍ୱ ବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ପ୍ରଫେସର ଅରୁଣ ଆନନ୍ଦ, ମହାରାଷ୍ଟ୍ର କାମ୍ପତେଭୟ ୟାର କଲେଜ ଅଫ ଫର୍ମାସୀ ଅଧ୍ୟକ୍ଷ କିଶୋରୀ ତାଇ, ସଂଯୋଜକ ସଦସ୍ୟ ପ୍ରଫେସର ମିଲିନ୍ଦ. କେ.ଉମେକର ପ୍ରମୁଖ ଗତ ୯ ତାରିଖ ଭୀମ ଭୋଇ କଲେଜ ପରିଦର୍ଶନ କରିଥିଲେ। ନାକ୍‌ର ଏହି ପ୍ରତିନିଧି ଦଳ କଲେଜ ଭିତ୍ତିଭୂମି ପରିଦର୍ଶନ କରିବା ସହ ଗ୍ରନ୍ଥାଗାର, ବିଜ୍ଞାନ ବିଭାଗ ପରୀକ୍ଷାଗାର, ଉଦ୍ଭିଦ ବିଭାଗ ଉଦ୍ୟାନ, ଖେଳ ପଡିଆ, ଛାତ୍ରୀ, ଛାତ୍ର ନିବାସ ଆଦି ବୁଲି ଦେଖିଥିଲେ। ଏଥି ସହିତ ପୁରାତନ ଛାତ୍ର ସଂଘ ଓ କଲେଜ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନଙ୍କ ସହ ପୃଥକ ଆଲୋଚନା କରିଥିଲେ। ପ୍ରତିନିଧି ଦଳର ମୂଲ୍ୟାୟନ ରିପୋର୍ଟକୁ ଭିତ୍ତି କରି ନାକ୍. ପକ୍ଷରୁ ଭୀମ ଭୋଇ କଲେଜକୁ 'ବି' ଗ୍ରେଡ ମାନ୍ୟତା ପ୍ରଦାନ କରାଯାଇଥିବା ସୂଚିତ କରାଯାଇଛି। ନାକ୍ ପ୍ରତିନିଧି ଦଳର ପରିଦର୍ଶନ ବେଳେ ସମସ୍ତେ ସହଯୋଗ କର ଥିବାରୁ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାରାୟଣ ପ୍ରଧାନ ଓ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାଶ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରତି ୫ ବର୍ଷରେ ନାକ୍.ପକ୍ଷରୁ କଲେଜଗୁଡିକର ମୁଲ୍ୟାୟନ କରାଯାଉଛି। ଗତ ୫ବର୍ଷରେ ଏହି କଲେଜକୁ 'ବି'+ ମାନ୍ୟତା ମିଳିଥିଲା।

# ବଲାସିଙ୍ଗା ସେବାଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ


କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

ନାକଟିଦେଉଳ,୨୧।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବଳମ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଲାସିଙ୍ଗା ସେବାଶ୍ରମ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ସହ ବାର୍ଷିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇ ଯାଇଛି। ୨୦ ତାରିଖରେ ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ୨୭ଟି ବିଭାଗରେ ୮୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ବରିଷ୍ଠ ବିଭାଗ ବାଳକ ବର୍ଗରେ ୫ମ ଶ୍ରେଣୀ ଛାତ୍ର ପିୟୁଷ କୁମାର ପ୍ରଧାନ, ବାଳିକା ବର୍ଗରେ ୫ମ ଶ୍ରେଣୀ ଛାତ୍ରୀ ବିଜୟ ଲକ୍ଷ୍ମୀ ପ୍ରଧାନ ଚାମ୍ପିୟନ ହୋଇଥିଲେ। ସେହିପରି କନିଷ୍ଠ ବିଭାଗ ବାଳକ ବର୍ଗରେ ଦ୍ୱିତୀୟ ଶ୍ରେଣୀ ଛାତ୍ର କିରଣ କୁମାର ସାହୁ ଏବଂ ବାଳିକା ବର୍ଗରେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଟିଲୋତ୍ତମା ହାତୀ ଚାମ୍ପିୟନ ହୋଇଥିଲେ। ଆଦର୍ଶ ଛାତ୍ରଭାବେ ୫ମ ଶ୍ରେଣୀ ଛାତ୍ର ବିଶ୍ୱନାଥ ଜାଲଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠିତ ବାର୍ଷିକ ଉତ୍ସବ ସମାରୋହରେ ଅନୁଷ୍ଠାନର ପ୍ରଧାନଶିକ୍ଷକ ଜଗଦୀଶ ପ୍ରସାଦ ଶତପଥୀ ଅଧ୍ୟକ୍ଷତା କରିଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ଛତ୍ରପୁର ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ପରମେଶ୍ୱର ପ୍ରଧାନ, ମୁଖ୍ୟବକ୍ତାଭାବେ ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ମୁଟୁରୁମୁଣ୍ଡା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଣବ କିଶୋର ପ୍ରଧାନ ଏବଂ ମୋ ସ୍କୁଲ ଅଭିଯାନ ସଭାପତି ସୁରେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ସହିତ ପ୍ରମାଣ ପତ୍ର ଦେଇ ପୁରସ୍କୃତ କରିଥିଲେ। ଅତିଥି ଶିକ୍ଷକ ବୁଲେଟ ନାୟକ ସଭା ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁମିତ୍ରା ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷା ସହ ସଂସ୍କାର ଦେବା ଗୁରୁଜୀଙ୍କ ପ୍ରଧାନ କର୍ତ୍ତବ୍ୟ


ଉତ୍ସବରେ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ଅନ୍ୟ ଅତିଥିମାନେ।

କୁଚିଣ୍ଡା,୨୧।୧୨(ବିରଞ୍ଚି ଦର୍କା)

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ**

ସମ୍ବଲପୁର ଜିଲା କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରେ ଶନିବାର ୩୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରମୋଦ କୁମାର ପଟେଲ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷା ଦାନସହ ଗୁରୁମାଗୁରୁଜୀମାନେ ଛାତ୍ରୀଛାତ୍ରଙ୍କୁ ଉତ୍ତମ ସଂସ୍କାର ଦେଇଥାନ୍ତି। ତେଣୁ ଏହି ବିଦ୍ୟାଳୟର ପିଲାମାନେ ଚରିତ୍ର ଗଠନରେ ଆଗରେ ରହୁଥିବା କହିଥିଲେ। ବିଦ୍ୟାଳୟ ଯୁଗ୍ମସମ୍ପାଦକ ତଥା ଅଧ୍ୟାପକ ଖଗେଶ୍ୱର ଦାଶ ମୁଖ୍ୟବକ୍ତା, କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଶ୍ରୀକାନ୍ତ କୁମାର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହିଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଣବ କୁମାର ଦ୍ୱିବେଦୀ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଅଧ୍ୟାପକ ପ୍ରଶାନ୍ତ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ନାଗରିକ ସଂଘର ଶୀତବସ୍ତ୍ର ବଣ୍ଟନ

କୁଚିଣ୍ଡା,୨୧।୧୨(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଶନିବାର ବିଭିନ୍ନ ସ୍ଥାନରେ ଶୀତବସ୍ତ୍ର ବଣ୍ଟନ କରାଯାଇଛି। କୁଚିଣ୍ଡା ଏନଏସି ସମଲେଇ ମନ୍ଦିର ନିକଟ ଅଲେଖ ମହିମା ଆଶ୍ରମ(ବାବାମଠ)ରେ ୫ଟି, ୱାର୍ଡ ନଂ.୧୦ ସଇଡାରେ କାଉନସିଲର ରାଜେଶ ସାହୁଙ୍କ ଉପସ୍ଥିତିରେ ୧୩ଟି, ୱାର୍ଡ ନଂ.୭ ଜ୍ୟୋତିପଡାରେ ୪ଟି କମ୍ବଳ ବଣ୍ଟନ କରାଯାଇଥିଲା। ସେହିପରି ଜମନକିରା ବ୍ଲକ ଡିମିରିମୁଣ୍ଡା ପଞ୍ଚାୟତର ବନବାସୀ ଆଶ୍ରମରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଉପସ୍ଥିତିରେ ଅନ୍ତେବାସୀଙ୍କୁ ୨୦ଟି କମ୍ବଳ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘ ସଭାପତି ଧିରେନ୍ଦ୍ର କୁମାର ମହାନ୍ତି, ଉପଦେଷ୍ଟା ଶାନ୍ତନୁ ସାହୁ, ଜୟପ୍ରକାଶ ଗୁପ୍ତା, ସାଧାରଣ ସମ୍ପାଦକ ଜନକାମିଲ ଲାକରା, କୋଷାଧ୍ୟକ୍ଷ ବନମାଳୀ ଶତପଥୀ, ସଦସ୍ୟ ପଦ୍ମନାଭ ବେହେରା ପ୍ରମୁଖ କମ୍ବଳ ବଣ୍ଟନରେ ସାମିଲ ହୋଇଥିଲେ।

# ପାଞ୍ଚଫୁଟ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ସମ୍ବଲପୁର,୨୧।୧୨(ବି.ଶଙ୍କର)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ପାଞ୍ଚଫୁଟ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅନୁଷ୍ଠିତ ହେଇଯାଇଛି । ପ୍ରଧାନଶିକ୍ଷକ ସୁଶୀଳ କୁମାର ପାଣିଗ୍ରାହୀ ବାର୍ଷିକ କ୍ରୀଡାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ମନ୍ଦିରରୁ ମଶାଲ ଆଣିବା ପରେ ଶୃଙ୍ଖଳିତ ଭାବେ କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିବାକୁ ଶପଥପାଠ କରିଥିଲେ । ବରିଷ୍ଠ, କନିଷ୍ଠ, ସର୍ବକନିଷ୍ଠ ବିଭାଗରେ ୪୦ଟି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା । ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଆଲୁମ୍ନି କମିଟି ଅଧ୍ୟକ୍ଷ ପରିତୋଷ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଡନସନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏ ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଓ ଶିକ୍ଷୟିତ୍ରୀଶିକ୍ଷକମାନେ ପୁରସ୍କାର ବିତରଣ କରିଥିଲେ । ପ୍ରଧାନ ଶିକ୍ଷକ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡା ଉତ୍ସବକୁ ବିଦ୍ୟାଳୟର ଶାରୀରିକ ଶିକ୍ଷା ପ୍ରଶିକ୍ଷକ ରମେଶ କୁମାର ବେରିହା ପରିଚାଳନା କରିଥିଲେ। ଶିକ୍ଷକ ସୀତାରାମ ସାହୁ, ବିକାଶ କୁମାର ଓରାମ, ସନ୍ଦୀପ କୁମାର ସାହୁ, ସୁଜିତ ଭୋଇ, ମାନସ ଭୋଇ, ସତ୍ୟଜିତ ବେହେରା ଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ଭୋଇ, ସ୍ୱର୍ଣ୍ଣଲତା ମାହାଣା ପ୍ରମୁଖ ସହଯୋଗ କରିଥିଲେ ।


ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ସମ୍ବଲପୁର,୨୧।୧୨(ବି.ଶଙ୍କର)

**ଛାତ୍ରୀ ଗାୟତ୍ରୀ ରଣାଙ୍କୁ ଉତ୍କର୍ଷ ପୁରସ୍କାର**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଖୁଣ୍ଟିଚକୁଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିନାୟକ ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ମାନେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷା ରୁକ୍ମିଣି ମହାନନ୍ଦ ମୁଖ୍ୟ ଅତିଥି, ମାନେଶ୍ୱର ଏବିଇଓ ଲଜିତା ପ୍ରଧାନ ମୁଖ୍ୟବକ୍ତା ଏବଂ ବଡେମୁରା ସରପଞ୍ଚ ଅନ୍ତରାମ ପାଣ୍ଡେ, ସିଆରସିସି ମନୋରଞ୍ଜନ ମେହେର ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଟିକେଶ୍ୱରୀ ବିଶି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଶିକ୍ଷୟିତ୍ରୀ ଶିଶାମଣୀ ବଢାଇ ପରିଚୟ ପ୍ରଦାନ ଓ ସୁନନ୍ଦାଚାନ୍ଦ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟରେ ସହଯୋଗ କରିଥିଲେ ରାଜେଶ କୁମାର ଧର ଓ ବବି ଖମାରୀ । ଏହି ଉତ୍ସବରେ ଅଧିକାଂଶ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ଛାତ୍ରୀ ଗାୟତ୍ରୀ ରଣାଙ୍କୁ ରନିଂ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ଦିନ ସଫାସୁତରା ପାଇଁ ରିନୁ କର୍ଣ୍ଣ, ଅଧିକ ଉପସ୍ଥାନ ପାଇଁ ମଞ୍ଜିତ ମେଣ୍ଡଲି, ଉତ୍ତମ ଶିକ୍ଷାର୍ଥୀ ପାଇଁ ପ୍ରାଚୀ ଜିଜ୍ଞାସା ଝାଙ୍କର ଓ ଉତ୍ତମ ଖେଳ ପ୍ରଦର୍ଶନ ସକାଶେ କ୍ରିଷ୍ଟା ଭୋଇଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ପ୍ରାୟ ୨୦ଟି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଛାତ୍ରୀଛାତ୍ରମାନେ ପରିବେଷଣ କରିଥିଲେ। ବିଦ୍ୟାଳୟର ଛାତ୍ରୀ କୁମାରୀ ବିଦ୍ୟୁସ୍ମିତା ଛନ୍ଦ ଉଦ୍‌ଘୋଷିକା ଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଇଓ ରମେଶ ଚନ୍ଦ୍ର ନାୟକ ଓ ଏବିଇଓ ସୀତାରାମ ଭୋଇ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ରୋଜି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାମାନୁଜଙ୍କ ଜନ୍ମବାର୍ଷିକୀ, ଗଣିତ ଦିବସ ପାଳିତ



ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ।

ସମ୍ବଲପୁର,୨୧।୧୨(ବି.ଶଙ୍କର)

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଆନନ୍ଦ ବିହାରସ୍ଥିତ ଡିଏଭି ବିଦ୍ୟାଳୟ ସଭାକକ୍ଷରେ ଶନିବାର ଶ୍ରୀରାମାନୁଜଙ୍କ ଜନ୍ମବାର୍ଷିକୀ ଓ ଗଣିତ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ତଥା ଡିଏଭି ବିଦ୍ୟାଳୟ ଉପ ଆଞ୍ଚଳିକ ଅଧିକାରୀ ରଶି ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବରିଷ୍ଠ ନାଗରିକ ସମାଜ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଣିତ ଦିବସର ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରମାନେ ସର୍ବଦା ଗଣିତ ବିଷୟରେ ଜ୍ଞାନ ଆହରଣ କରିବା ଜରୁରୀ ବୋଲି କହିଥିଲେ। ବରିଷ୍ଠ ଶିକ୍ଷକ ସୌଭାଗ୍ୟ କୁମାର ମିଶ୍ର, ଲକ୍ଷ୍ମୀଧର ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ । ଗଣିତ ବିଷୟରେ ଆଧାରିତ ଲଘୁ ନାଟକ ଓ ସଙ୍ଗୀତ ଛାତ୍ରୀଛାତ୍ରମାନେ ପରିବେଷଣ କରିଥିଲେ। ଏଥିସହ ରାମାନୁଜ ଗଣିତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲେ । ଉତ୍ସବକୁ ବରିଷ୍ଠ ଗଣିତ ଶିକ୍ଷକ ବୀରେନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ ସୋମନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# କଳା, କଳାକାରଙ୍କ ବିକାଶ ପାଇଁ ଉଦ୍ୟମ କରାଯିବ

କୁଚିଣ୍ଡା,୨୧।୧୨(ବିରଞ୍ଚି ଦର୍କା)



ଉପଜଲାପାଳ ଗୌରବମୟ ପ୍ରଧାନ କଳାକାରଙ୍କୁ ପୁରସ୍କୃତ କରୁଛନ୍ତି।

**ମେରୁ ମହୋତ୍ସବ ଉଦ୍‌ଘାଟିତ**

ସମ୍ବଲପୁର ଜିଲା କୁଚିଣ୍ଡାରେ ମେରୁ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନରେ ମନ୍ଦିର ଛକ ଜଗନ୍ନାଥ ମନ୍ଦିରରୁ ସହସ୍ରାଧିକ କଳାକାରଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମ ମହୋତ୍ସବସ୍ଥଳରେ ପହଞ୍ଚିଥିଲା। ପରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମେରୁ ମହୋତ୍ସବ ପାଇଁ ମଞ୍ଚ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଏଥିରେ କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ ଅତିଥିଭାବେ ଯୋଗଦେଇ କଳାକାରମାନଙ୍କୁ ପୁରସ୍କୃତ କରିଥଲେ। ଏହି ଅବସରରେ ସେ କହିଥିଲେ ଯେ ଆଗାମୀ ଦିନରେ କୁଚିଣ୍ଡା ଅଞ୍ଚଳରେ କଳା ଓ କଳାକାରଙ୍କ ବିକାଶ ପାଇଁ ଯଥା ସମ୍ଭବ ପ୍ରଶାସନିକ ଉଦ୍ୟମ କରାଯିବ। ଅଭୟ ଆର୍ଟ ଏକାଡେମୀ ଅଧ୍ୟକ୍ଷା ପଙ୍କଜିନି ସାହୁ ଓ ବିଶିଷ୍ଟ ନୃତ୍ୟଶିଳ୍ପୀ ରିଙ୍କୁ ସାହୁ ରବିବାର ମେରୁ ମହୋତ୍ସବର ରବିବାର ଦିନକୁ ସ୍ମରଣ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଭବିଷ୍ୟତରେ ଏହି ମାଟିର କଳାକାର ଯେପରି ବିଶ୍ୱ ସ୍ତରରେ କୁଚିଣ୍ଡାକୁ ଗର୍ବିତ କରିବେ ଆଶାବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଦର୍ଶକଙ୍କ ସମାଗମ ହୋଇଥିଲା।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଊର୍ଜା ମେଳା

ସମ୍ବଲପୁର,୨୧।୧୨(ବି.ଶଙ୍କର)


ଶନିବାର ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଗୁରୁ ନାନକ ପବ୍ଲିକ୍ ସ୍କୁଲଠାରେ ଆୟୋଜିତ ଊର୍ଜା ମେଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ) ପକ୍ଷରୁ ଉର୍ଜା ମେଳା-୨୪ ଶନିବାର ଗୁରୁ ନାନକ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଶକ୍ତି ସଂରକ୍ଷଣ ଏବଂ ସ୍ୱଚ୍ଛ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ବିଭାଗ ଆୟୋଜିତ ମେଳାରେ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ସହର ୨୫ ବିଦ୍ୟାଳୟରୁ ୩ଶହରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ବାର୍ଷିକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନଙ୍କୁ ସେମାନଙ୍କର ସୃଜନଶୀଳତା ପ୍ରଦର୍ଶନ କରି ଏବଂ ଶକ୍ତି ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରି ସ୍ଥାୟିତ୍ୱ ଏବଂ ସବୁଜ ନବସୃଜନକୁ ପ୍ରୋତ୍ସାହିତ କରିବାର ମୂଳ ଲକ୍ଷ୍ୟ ରହିଥିଲା। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସତ୍ୟନାରାୟଣ ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶକ୍ତି ସଂରକ୍ଷଣ, ପ୍ରାକୃତିକ ସମ୍ବଳ ପରିଚାଳନା, ଜଳବାୟୁ ପରିବର୍ତ୍ତନ ଭଳି ବିବିଧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରଦର୍ଶନୀ, କୁଇଜ, ଡ୍ରଇଁ ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସେହିପରି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାୟିତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରିଥିଲା। ଏଥିସହ ବୁର୍ଲା ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶକ୍ତି ସଂରକ୍ଷଣ ଉପରେ ଏକ ଆକର୍ଷଣୀୟ କଳା ପ୍ରଦର୍ଶନ କରିଥିଲେ। ଏହାପରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ସମର୍ଥନ ପାଇଁ କମ୍ପାନୀ ପକ୍ଷରୁ ବ୍ରେଲ୍ ସ୍ଲେଟ୍, ଅଡିଓ ଡିଭାଇସ, ଲୁଡୋ ଟେବୁଲ ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଶକ୍ତି ସଂରକ୍ଷଣର ଗୁରୁତ୍ୱ ବିଷୟରେ ଛାତ୍ରମାନଙ୍କୁ ଜ୍ଞାନ ପ୍ରଦାନ କରିବା ପାଇଁ ଉର୍ଜା ମେଳା ଏକ ପ୍ରଶଂସନୀୟ ପରିକଳ୍ପନା। କ୍ଲବ ଏନର୍ଜି ଅଧୀନରେ, ଟିପିଡବ୍ଲୁଓଡିଏଲ ପଶ୍ଚିମ ଓଡ଼ିଶାର ୯ ଟି ଜିଲାରେ ଥିବା ୨୨୫ ଗୋଟି ବିଦ୍ୟାଳୟର ପ୍ରାୟ ୨୫,୦୦୦ ଛାତ୍ରଙ୍କ ନିକଟରେ ପହଞ୍ଚିଛି ।

# ବିଜେଡି ଅବାଞ୍ଛିତ ଆରୋପ, ପ୍ରତ୍ୟାରୋପରୁ ଦୂରେଇ ରହୁ:ଭାଜପା

ନବରଙ୍ଗପୁର,୨୧।୧୨(ସଦାଶିବ ପ୍ରହରାଜ)



ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ (ବାମରୁ ଦ୍ୱିତୀୟ) ଓ ଅନ୍ୟ ଭାଜପା ନେତାମାନେ।

ବିଜେଡି ଗୁରୁବାର ଖବରଦାତା ସମ୍ମିଳନୀ କରି ଅନୁସୂଚିତ ଜାତି ଓ ଜନଜାତି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର ଇସ୍ତଫା ଦାବି କରିଥିଲା। ଭାଜପା ପକ୍ଷରୁ ଶନିବାର ଏହାର ପାଲଟା ଜବାବ ଦିଆଯାଇଛି। ବିଜେଡି ଅବାଞ୍ଛିତ ଆରୋପ ଓ ପ୍ରତ୍ୟାରୋପରୁ ଦୂରେଇ ରହୁ ବୋଲି ଭାଜପା ନେତାମାନେ କହିଛନ୍ତି।

ନବରଙ୍ଗପୁର ଭାଜପା ଜିଲା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ବିଜେଡି ସରକାରରୁ ହଟିବା ପରେ ନୂଆ ନୂଆ ବିରୋଧୀ ଦଳର ଭୂମିକା ସମ୍ପାଦନ କରିବା ପାଇଁ ଚେଷ୍ଟା କରୁଛି ; ଯାହା ସ୍ୱାଗତଯୋଗ୍ୟ। କିନ୍ତୁ ଅଯଥା ପ୍ରସଙ୍ଗକୁ ନେଇ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିବା ହାସ୍ୟାସ୍ପଦ ବୋଲି ସେ କହିଥିଲେ। ଆଦିବାସୀ ଉନ୍ନୟନ ବିଭାଗର ପୂର୍ବତନ ପ୍ରମୁଖ ସଚିବ ସିବିଆଇ ସମନ ପାଇଲା ପରେ ମନ୍ତ୍ରୀଙ୍କୁ ଏହା ଭିତରକୁ ଟାଣିବା ଈର୍ଷାକାତର ଭଳି ମନେହେଉଛି। ରାଜ୍ୟ ସରକାର ପିଏସ୍‌ୟୁଗୁଡ଼ିକୁ କାର୍ଯ୍ୟାଦେଶ ଦେବା ଘଟଣା କିଛି ନୂଆ ନୁହେଁ। କେବଳ ଗତ ୫ବର୍ଷ ମଧ୍ୟରେ ତତ୍କାଳୀନ ବିଜେଡି ସରକାର ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ୧୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଶହ ଶହ କାର୍ଯ୍ୟର କାର୍ଯ୍ୟାଦେଶ ବିନା ଟେଣ୍ଡରରେ ଦେଇଛି। ଯଦି ପିଏସ୍‌ୟୁଗୁଡ଼ିକୁ କାର୍ଯ୍ୟ ବଣ୍ଟନ କରିବା ଅପରାଧ, ତେବେ କିଭଳି ଭାବେ ଗତ ବିଜେଡି ସରକାର ଏହା କରୁଥିଲେ ବୋଲି ବିଧାୟକ ଗୌରୀ ଶଙ୍କର ପ୍ରଶ୍ନ କରିଛନ୍ତି। ଭାଜପା ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ କହିଛନ୍ତି, ବିଜେଡି ନେତାମାନେ ମନଗଢ଼ା ଅଭିଯୋଗକରି ଦଳକୁ ନିନ୍ଦା କରୁଛନ୍ତି। ତତ୍କାଳୀନ ଓଡ଼ିଶା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝୀ କିପରି ନିଜ କାର୍ଯ୍ୟକାଳ ସମୟରେ ଏକ ଅଭିଜ୍ଞତା ବିହୀନ ସଂସ୍ଥାକୁ ଟ୍ରାଇବଲ ଅଡିଟୋରିୟମ ନିର୍ମାଣ କାର୍ଯ୍ୟାଦେଶ ଦେଇଥିଲେ ବୋଲି ଯୁବନେତା କାହ୍ନୁ ଦାସ ପ୍ରଶ୍ନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସମ୍ପାଦକ ଦେବଦାସ ମହାକୁଡ଼ ଉପସ୍ଥିତ ଥିଲେ।

# ୱାନ୍ ନେଶନ ୱାନ୍ ଇଲେକ୍ସନ: ବିଜେଡିରେ ଦ୍ୱନ୍ଦ୍ୱ

ଭୁବନେଶ୍ୱର,୨୧।୧୨(ଅନିଲ ଦାସ)



ରଣେନ୍ଦ୍ର ପ୍ରତାପ ସ୍ୱାଇଁ



ମାନସ ମଙ୍ଗରାଜ

ଏକ ଦେଶ ଏକ ନିର୍ବାଚନ(ୱାନ୍ ନେଶନ ୱାନ୍ ଇଲେକ୍ସନ) ପ୍ରସଙ୍ଗରେ ବିଜେଡିର ଆଭିମୁଖ୍ୟ ଅସ୍ପଷ୍ଟ ରହିଛି। ରାଜ୍ୟ ସଭାରେ ଏହି ବିଲ୍‌କୁ ଦଳ ସମର୍ଥନ କରିବ କି ବିରୋଧ କରିବ ସେ ନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ କୌଣସି ମତ ଦେଇ ନାହାନ୍ତି। ଅନ୍ୟପକ୍ଷରେ ଦଳର ବରିଷ୍ଠ ନେତା ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିକଟରେ ଶେଷ ହୋଇଥିବା ବିଧାନସଭାରେ ୱାନ୍ ନେଶନ ୱାନ୍ ଇଲେକ୍ସନ୍ ସଙ୍କଳ୍ପକୁ ବିରୋଧ କରିଥିଲେ। ପରେ ସୋସିଆଲ୍ ମିଡିଆରେ ନିଜ ଅଭିଭାଷଣକୁ ମଧ୍ୟ ପୋଷ୍ଟ କରିଥିଲେ। ତେବେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ସୋସିଆଲ୍ ମିଡିଆ ପୋଷ୍ଟକୁ ନେଇ ଦ୍ୱନ୍ଦ୍ୱ ଆହୁରି ବଢ଼ିଯାଇଛି ; ଯେଉଁଥିରେ ୱାନ୍ ନେଶନ ୱାନ୍ ଇଲେକ୍ସନ୍ ବିଲ୍ ପାଇଁ ଗଠିତ ଯୁଗ୍ମ ସଂସଦୀୟ କମିଟିରେ ସ୍ଥାନ ପାଇ ସେ ଗର୍ବିତ ବୋଲି ଲେଖିଛନ୍ତି। ଅନ୍ୟପକ୍ଷରେ ବିଧାନସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ସଂସଦ ଏ ନେଇ ନିଷ୍ପତ୍ତି ନେବ। ସମ୍ବିଧାନକୁ ନେଇ ଯେଭଳି ବାକ୍‌ବିତଣ୍ଡା ହେଉଛି ତାହା ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି।

ଏଭଳି ଭିନ୍ନମତ ଭିତରେ ନବୀନଙ୍କ ନୀରବତା ଦଳ ଭିତରେ ଦ୍ୱନ୍ଦ୍ୱକୁ ଆହୁରି ବଢ଼ାଇ ଦେଇଛି। ସରକାରରେ ଥିବାବେଳେ ବିଜେଡି ସମଦୂରତା କଥା କହି ଅନେକ ପ୍ରସଙ୍ଗରେ ଫାଇଦା ନେବାକୁ ଚେଷ୍ଟା କରୁଥିଲା। ମାତ୍ର ଏବେ ରାଜନୈତିକ ଦୃଶ୍ୟପଟ ବଦଳି ଯାଇଛି। ଗତ ଲୋକ ସଭା ନିର୍ବାଚନରେ ଦଳ ଗୋଟିଏ ଆସନ ପାଇବାକୁ ସକ୍ଷମ ହୋଇ ନ ଥିବାବେଳେ ଆଗାମୀ ରଣନୀତି ପୂର୍ବଭଳି ରହିବ କି ବଦଳିବ ସେ ନେଇ ମଧ୍ୟ ବିଜେଡିରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ନିକଟରେ ନବୀନ ନିବାସରେ ହୋଇଥିବା ବିଜେଡି ପରାମର୍ଶ ଦାତା କମିଟି ବୈଠକରେ ବରିଷ୍ଠ ନେତାମାନେ ଜାତୀୟ ସ୍ତରରେ ଦଳର ଆଭିମୁଖ୍ୟ ଉପରେ ନିଷ୍ପତ୍ତି ନେବା ପାଇଁ ଏକ ପାର୍ଲାମେଣ୍ଟ କମିଟି ଗଠନ କରିବାକୁ ବିଜେଡି ସଭାପତିଙ୍କୁ ପ୍ରସ୍ତାବ ଦେଇଥିବା ଶୁଣିବାକୁ ମିଳିଛି। ୱାନ୍ ନେଶନ ୱାନ୍ ଇଲେକ୍ସନ ବିଲ୍‌କୁ ନେଇ ଦଳର ଅସ୍ପଷ୍ଟ ଆଭିମୁଖ୍ୟ ଆଗକୁ ଦଳକୁ ଆହୁରି ଅଡୁଆରେ ପକାଇବା ନେଇ ରାଜନୈତିକ ସମୀକ୍ଷକ ମତ ଦେଉଛନ୍ତି।

# ଉପଜିଲାପାଳ ଅଫିସ ସମ୍ମୁଖରେ ୧୧ ୱାର୍ଡସଭ୍ୟଙ୍କ ଅନଶନ



**କେନ୍ଦ୍ରିକଲା ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ**

ବଣାଇଁ, ୨୧।୧୨(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ବ୍ଲକ କେନ୍ଦ୍ରିକଲା ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସଙ୍ଗରେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଏହାର ପ୍ରତିବାଦ କରିଛନ୍ତି ପଞ୍ଚାୟତର ନାଏବ ସରପଞ୍ଚଙ୍କ ସମେତ ୧୧ୱାର୍ଡ ସଭ୍ୟାସଭ୍ୟ। ଶନିବାର ସେମାନେ ବଣାଇଁ ଉପ ଜିଲାପାଳ କାର୍ଯ୍ୟାଳୟ ପରିସରରେ ଅନଶନରେ ବସିଥିଲେ। ସେମାନେ ଅଭିଯୋଗ କରିଛନ୍ତି ୧୪ ସଭ୍ୟାସଭ୍ୟ ଥିବା ଏହି ପଞ୍ଚାୟତର ୧୧ଜଣ ଗତ ଅକ୍ଟୋବର ୭ ତାରିଖ ଏବଂ ପୁନର୍ବାର ଗତ ଅକ୍ଟୋବର ୨୮ରେ ବଣାଇଁ ଉପଜିଲାପାଳଙ୍କ ନିକଟରେ ସରପଞ୍ଚ ଉଗ୍ରସେନ କିସାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବ ବିଷୟରେ ପ୍ରାଥମିକ ତଦନ୍ତ ପରେ ପ୍ରଶାସନ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ତାରିଖ ଧାର୍ଯ୍ୟ କରିବା କଥା। କିନ୍ତୁ ଦୀର୍ଘଦିନ ବିତି ଯାଇଥିଲେ ମଧ୍ୟ ଏହି ସାମ୍ବିଧାନିକ ସମସ୍ୟାର ସମାଧାନ ପାଇଁ ଦିନ ଧାର୍ଯ୍ୟ ହୋଇପାରିଲା ନାହିଁ। ଏଣୁ ସେମାନେ ଅନଶନରେ ବସିଛନ୍ତି। ପୂର୍ବାହ୍ନ ୧୦ଟାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନଶନରେ ବସିଥିବା ସଭ୍ୟାସଭ୍ୟଙ୍କୁ ଉପଜିଲାପାଳ ଅକ୍ଷୟ କୁମାର ପିଲ୍ଲେ ଡାକି ବୁଝାଇବା ପରେ ମଧ୍ୟ ସେମାନେ ପ୍ରଶାସନର ସାମ୍ବିଧାନିକ ବ୍ୟବସ୍ଥା ପ୍ରତି ଅସମ୍ମାନକୁ ପ୍ରତିବାଦ ଜଣାଇ ଅନଶନ ଜାରି ରଖିବେ ବୋଲି କହିଥିଲେ। ଉପଜିଲାପାଳ ତିନିଦିନ ସମୟ ମାଗୁଥିବା ନେଇ ସେମାନେ ପ୍ରକାଶ କରି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସମ୍ମାନ ଜଣାଇ ଯଦିଓ ସନ୍ଧ୍ୟାରେ ଉଠିଛନ୍ତି ହେଲେ ରବିବାର ସନ୍ଧ୍ୟା ସୁଦ୍ଧା ପ୍ରଶାସନ ପକ୍ଷରୁ କିଛି ନିଷ୍ପତ୍ତି ଗ୍ରହଣ କରା ନ ଗଲେ ସୋମବାରଠାରୁ ଦାବି ପୂରଣ ପର୍ଯ୍ୟନ୍ତ ଅନଶନରେ ବସିବେ ବୋଲି ସୂଚନା ଦେଇଛନ୍ତି।



ପାର୍ଲାମେଣ୍ଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଆଚରଣକୁ ବିରୋଧ କରି ଭାଜପା କର୍ମୀମାନେ ଶନିବାର ସିମ୍‌ଲାରେ ବିକ୍ଷୋଭ କରୁଛନ୍ତି।

# ଆମ୍ବେଦକରଙ୍କ ପ୍ରତି ଅପମାନ ଗଣତନ୍ତ୍ରର ହତ୍ୟା : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୧।୧୨(ଅନିଲ ଦାସ)

ଭାରତୀୟ ସମ୍ବିଧାନର ଜନକ ଭାରତରତ୍ନ ବାବା ସାହେବ ଆମ୍ବେଦକରଙ୍କ ପ୍ରତି ଅପମାନଜନକ ମନ୍ତବ୍ୟକୁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ପାର୍ଟିର ରାଜ୍ୟ ସଭାପତି ଶିବ ହାତୀ ଯାଦବ ଗଣମାଧ୍ୟମକୁ କହିଛନ୍ତି, ବାବା ସାହେବଙ୍କ ପ୍ରତି ଅପମାନ ଜନକ ମନ୍ତବ୍ୟରୁ ଦେଶବାସୀଙ୍କ ନଜର ହଟାଇବା ପାଇଁ ଭାଜପା ଏମ୍‌ପିଙ୍କ ଆହତ ହେବାର ଏଭଳି କାହାଣୀ ସୃଷ୍ଟି କରିଛି। ଆମ୍ବେଦକରଙ୍କ ଅପମାନକୁ ଲୁଚାଇବା ସହିତ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସୁରକ୍ଷା ପାଇଁ ଏମ୍‌ପି ଆହତ ହେବାର ମନଗଢ଼ା କାହାଣୀ ରଚନା ହୋଇଛି। ସମ୍ବିଧାନର ଆତ୍ମା ଏବଂ ଭାରତର ଗଣତନ୍ତ୍ର ଶାସକ ଭାଜପା ଦ୍ୱାରା ଆକ୍ରମଣର ଶିକାର ହୋଇଛି। ଦେଶରେ ସାମ୍ପ୍ରଦାୟିକତାବାଦ ସରକାରଙ୍କ ଇଙ୍ଗିତରେ ବ୍ୟାପିବାରେ ଲାଗିଛି। ଗଣତନ୍ତ୍ରର ସ୍ତମ୍ଭ ଦୁର୍ବଳ ହୋଇଯାଉଛି। ଗଣତାନ୍ତ୍ରିକ ପ୍ରକ୍ରିୟାକୁ ପ୍ରଭାବହୀନ କରାଯାଉଛି। ସାରା ଦେଶରେ ବ୍ୟାପୁଥିବା ହିଂସା ଏବେ ଦେଶବାସୀଙ୍କ ପାଇଁ ଚିନ୍ତାର ବିଷୟ ବୋଲି ଶିବ ହାତୀ କହିଛନ୍ତି।


## ODISHA PUBLIC SERVICE COMMISSION

**NOTICE**

No.7417/PSC, Dt.20.12.24

**No.D-217:** In continuation to this Office Notice No.7341/PSC, dated 18.12.2024, it is for information of all concerned that the name of the recruitment "Finance & Accounts Officer" may be read as "Finance & Accounts Officer in Urban Local Bodies of Odisha Municipal Finance Service Cadre under Housing & Urban Development Department", pursuant to Advt.No. 39 of 2023-24.

2. All other stipulations made in Notice No.7341/PSC, dated 18.12.2024 shall remain unchanged.

OIPR-12002/11/0112/2425 Sd./- Secretary

## INVITATIONS FOR BIDS (IFB), GOVERNMENT OF ODISHA
## AGRICULTURE & FARMERS' EMPOWERMENT DEPARTMENT
## DIRECTORATE OF SOIL CONSERVATION & WD, ODISHA, BHUBANESWAR
### EXECUTIVE ENGINEER (AGRIL.), SOIL CONSERVATION & WD, SOUTHERN ZONE, BERHAMPUR, GANJAM

No. L-114

**e-Procurement Notice**

Bid Identification Number - EE(A), SC & WD, SZ-03 of 2024-25

Tender Call Notice No. 2464 Date: 17.12.2024

| | | |
|---|---|---|
| Name of the Work | : | Construction of Infrastructure Works, 2024-25 |
| Total No. of Projects | : | 02 (Two) Numbers |
| Tender Value of Projects | : | Varies from Rs.15.00 lakh to Rs.35.00 lakh |
| Class of Contractor | : | "C" & "B" Class (of Odisha PWD) or relevant Class of other licensing authorities. |
| Period of Completion | : | As per TCN |

Other details:

| Procurement Officer | Bid Identification Number | Availability of Tender Online for Bidding | | Submission of Original Documents | Date & Place of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer (Agril.), Soil Conservation & WD, Southern Zone, Berhampur, Ganjam | E.E. (A), Soil Conservation & WD (S/Z), Berhampur - 03 of 2024-25 | 20.12.2024 from 11.00 A.M. | 31.12.2024 upto 5.00 P.M. | During office hours of working days from Dt.01.01.2025 from 11.00 A.M. to 02.01.2025 upto 05.00 P.M. in the Office of the Executive Engineer (Agril.), SC & WD, SZ, C/o. Project Director, Watersheds Development-cum-Deputy Director of Soil Conservation, Courtpeta, Ganjam, Berhampur - 760004 (To be dropped in the sealed box) | Dt.03.01.2025 at 11 A.M. in the Office Conference Hall of Project Director, Watersheds Development-cum-Deputy Director of Soil Conservation, Courtpeta, Ganjam, Berhampur - 760004 |

Further details can be seen from the website **www.tendersodisha.gov.in**.

OIPR-01503/11/0002/2425 Sd./- Executive Engineer (Agril.), Soil Conservation & WD, Southern Zone, Berhampur

## ଓଡ଼ିଶା ସରକାର
## ଉଚ୍ଚଶିକ୍ଷା ବିଭାଗ

(୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ "ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି ଯୋଜନା" ଅଧୀନରେ ଛାତ୍ରବୃତ୍ତି ପ୍ରଦାନ ପାଇଁ ଅନ୍‌ଲାଇନ୍ ଆବେଦନ ପତ୍ର ଦାଖଲ)

No. N-153: ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଓଡ଼ିଶା କିମ୍ବା ରାଜ୍ୟ ବାହାରେ ଥିବା ଡିଗ୍ରୀ କଲେଜ, ସ୍ୱୟଂଶାସିତ ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟରେ, ଓଡ଼ିଆ ସମ୍ମାନ ବିଷୟରେ +୩ ପାଠ୍ୟକ୍ରମ କିମ୍ବା ଓଡ଼ିଆରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀଙ୍କଠାରୁ 'ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି ଯୋଜନା' ଅଧୀନରେ ଛାତ୍ରବୃତ୍ତି ପ୍ରଦାନ ପାଇଁ ଅନ୍‌ଲାଇନ୍ ଆବେଦନ ଆହ୍ୱାନ କରାଯାଉଛି।

ଛାତ୍ରଛାତ୍ରୀମାନେ URL:- **www.scholarship.odisha.gov.in** ମାଧ୍ୟମରେ ଛାତ୍ରବୃତ୍ତି ପାଇଁ ଆବେଦନ କରିପାରିବେ। ଏହି ଯୋଜନା ସମ୍ପର୍କିତ ବିସ୍ତୃତ ନିର୍ଦ୍ଦେଶାବଳୀ ଉଚ୍ଚଶିକ୍ଷା ବିଭାଗର ଷ୍ଟେଟ୍ ସ୍କଲାରସିପ୍ ପୋର୍ଟାଲରେ **www.scholarship.odisha.gov.in** ଅଧୀନରେ ଉପଲବ୍ଧ ଅଛି।

ଏହି ଛାତ୍ରବୃତ୍ତି ଅଧୀନରେ ପ୍ରଦାନ କରାଯାଉଥିବା ରାଶି, ପାଠ୍ୟକ୍ରମ ଏବଂ ଛାତ୍ରବୃତ୍ତି ସଂଖ୍ୟା ସମ୍ବନ୍ଧୀୟ ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ପାଠ୍ୟକ୍ରମର ନାମ | ଛାତ୍ରବୃତ୍ତି ସଂଖ୍ୟା | ଛାତ୍ରବୃତ୍ତି ରାଶି | ପାଠ୍ୟକ୍ରମର ସମ୍ପୂର୍ଣ୍ଣ ଅବଧି ପାଇଁ ଛାତ୍ରବୃତ୍ତି ରାଶିର ପରିମାଣ | ମନ୍ତବ୍ୟ |
|---|---|---|---|---|
| ଓଡ଼ିଆ ସମ୍ମାନ ବିଷୟ ସହ +୩ ପାଠ୍ୟକ୍ରମ | ୨୦୨୪-୨୫ ଶିକ୍ଷା ବର୍ଷରୁ ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ଅନୁସାରେ ଯୋଗ୍ୟତା ରଖୁଥିବା ସମସ୍ତ ଛାତ୍ରଛାତ୍ରୀ ଏହି ଯୋଜନାର ଲାଭ ଉଠାଇପାରିବେ | ବର୍ଷକୁ ଏକକାଳୀନ ୨୦,୦୦୦ଟଙ୍କା (କେବଳ ୧ଥର) | ₹୨୦,୦୦୦/- | ଛାତ୍ରଛାତ୍ରୀମାନେ ପାଠ୍ୟକ୍ରମର କେବଳ ପ୍ରଥମ ବର୍ଷରେ ଏହି ଛାତ୍ରବୃତ୍ତି ପାଇବା ପାଇଁ ଆବେଦନ କରିପାରିବେ। |
| ଓଡ଼ିଆରେ ସ୍ନାତକୋତ୍ତର | | ବର୍ଷକୁ ଏକକାଳୀନ ୩୦,୦୦୦ ଟଙ୍କା (କେବଳ ୧ଥର) | ₹୩୦,୦୦୦/- | |

**ବିଶେଷ ଦ୍ରଷ୍ଟବ୍ୟ:** (୧) ସ୍କଲାରସିପ୍ ପାଇବା ପାଇଁ ଆଧାରକୁ ବାଧ୍ୟତାମୂଳକ କରାଯାଇଛି। ଦୟାକରି ଅନ୍‌ଲାଇନ୍ ଆବେଦନ ପତ୍ରରେ ନିଜର ସଠିକ୍ ଆଧାର ନମ୍ବର ପ୍ରଦାନ କରନ୍ତୁ। ଯଦି ଛାତ୍ରଛାତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ଆଧାର ନମ୍ବର ଭୁଲ୍ କିମ୍ବା ତାଙ୍କର ନୁହେଁ ବୋଲି ପ୍ରମାଣିତ ହୁଏ, ତେବେ ଆବେଦନ ଖାରଜ ହୋଇଯିବ।
(୨) ଅନ୍‌ଲାଇନ ଆବେଦନ ପତ୍ରରେ, ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବା ସମୟରେ ଆବେଦନକାରୀଙ୍କୁ ବହୁତ ସାବଧାନ ରହିବାକୁ ପଡ଼ିବ। ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟ ଏବଂ ଆଇ.ଏଫ୍.ଏସ୍.ସି. କୋଡ୍‌ର କୌଣସି ଭୁଲ୍ ତଥ୍ୟ ପ୍ରଦାନ ଯୋଗୁଁ, ଯଦି କୌଣସି ଭୁଲ୍ ଆକାଉଣ୍ଟରେ ଟଙ୍କା ଜମା ହୁଏ କିମ୍ବା ଦିଆଯାଇଥିବା ଆକାଉଣ୍ଟରେ ଟଙ୍କା ଜମା ନ ହୁଏ, ସେଥିପାଇଁ ଉଚ୍ଚଶିକ୍ଷା ବିଭାଗ ଦାୟୀ ରହିବ ନାହିଁ।

**ଅନ୍‌ଲାଇନ୍ ଆବେଦନ ପାଇଁ ନିର୍ଦ୍ଧାରିତ ସମୟ ସୀମା**

| | | |
|---|---|---|
| ୧ | ଛାତ୍ରଛାତ୍ରୀଙ୍କ ପାଇଁ ଅନ୍‌ଲାଇନ୍ ଆବେଦନର ପ୍ରଥମ ତାରିଖ | ତା୨୦।୧୨।୨୦୨୪ରିଖ |
| | ଛାତ୍ରଛାତ୍ରୀଙ୍କ ପାଇଁ ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ | ତା୦୫।୦୧।୨୦୨୫ରିଖ |
| ୨ | ଅନୁଷ୍ଠାନର ଅଧ୍ୟକ୍ଷ/ମୁଖ୍ୟଙ୍କ ଦ୍ୱାରା ଆବେଦନପତ୍ର ବୈଧୀକରଣର ସମୟ ସୀମା | ତା୨୦।୧୨।୨୦୨୪ରିଖରୁ ତା୦୭।୦୧।୨୦୨୫ରିଖ |

**ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଧାରିତ ସମୟ ସୀମାରେ ଆଉ ବୃଦ୍ଧି କରାଯିବ ନାହିଁ।**

ଷ୍ଟେଟ୍ ସ୍କଲାରସିପ୍ ପୋର୍ଟାଲରେ ଅନ୍‌ଲାଇନ୍ ଆବେଦନ କିମ୍ବା ଅନ୍‌ଲାଇନ୍ ବୈଧୀକରଣ ସମୟରେ ଛାତ୍ରଛାତ୍ରୀ କିମ୍ବା ଅନୁଷ୍ଠାନମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ଉଚ୍ଚଶିକ୍ଷା ବିଭାଗର ହେଲ୍ପଲାଇନ୍ - ୦୬୭୪(୨୩୯୬୫୫୦), ୦୬୭୪(୨୩୨୩୪୦୧), ୦୬୭୪(୨୩୨୩୪୦୨), ୦୬୭୪(୨୩୨୩୪୦୩), ୦୬୭୪(୨୩୨୩୪୦୪) (ସମସ୍ତ କାର୍ଯ୍ୟଦିବସରେ ସକାଳ ୧୦.୩୦ରୁ ଅପରାହ୍ନ ୫.୩୦ ପର୍ଯ୍ୟନ୍ତ) କିମ୍ବା ଇ-ମେଲ୍ **scholarshiphed@gmail.com**ର ସହାୟତା ନେଇପାରିବେ।

OIPR-11001/11/0037/2425 ସ୍ୱା./- ଯୁଗ୍ମ ଶାସନ ସଚିବ, ଉଚ୍ଚଶିକ୍ଷା ବିଭାଗ

## OFFICE OF THE MUNICIPAL COUNCIL, JAGATSINGHPUR

No.4412, Date 19.12.2024

### EXPRESSION OF INTEREST

**No.C-1304:**The Executive Officer, Jagatsinghpur Municipality on behalf of Jagatsinghpur Municipality, Dist- Jagatsinghpur invites EoI from the intended registered Company/ Firm and should have valid registration under Companies Act / Registered Firm / Manufacturer Proprietorship registered under State / Central Govt. authority in India / if any other (please provide a copy of the registration certificate) for Supply, Installation & Commissioning of Fountain at different locations of Jagatsinghpur Municipality fulfilling the eligibility criteria for participation in this EoI. The prescribed EoI can be downloaded from Jagatsinghpur District website & Municipality Website www.jagatsinghpur.odisha.gov.in/ & https://jspurmunicipality.odisha.gov.in from 10.00 AM date. 20.12.2024 to date. 30.12.2024 up to 05.00 PM on payment of Rs.7,080/- (Rupees Seven thousand eighty) only including GST (non-refundable) in shape of DD/ Bank Draft/ bankers' cheque drawn in favour of the Executive Officer, Jagatsinghpur Municipality payable at Jagatsinghpur from any Nationalized Bank. The document should be received through offline by Speed Post/ Regd. Post only on or before 02.01.2025 up to 05.00 PM.
The EoI will be opened on the date 03.01.2025 at 11.00 AM in presence of the bidders or their authorized representative. The EoI received beyond the schedule date and time will not be considered at all. The undersigned has the rights to accept, cancel or reject any or all the EoI without assigning any reason thereof.

Sd./- Executive Officer
OIPR-13087/11/0008/2425 Jagatsinghpur Municipality

## ZILLA SWASTHYA SAMITI, KHORDHA
## OFFICE OF THE CDMO-cum-DISTRICT MISSION DIRECTOR, KHORDHA
### TENDER CALL NOTICE

Adv.No.08/2024 Date:19.12.2024

**No.E-609:** Sealed tenders are invited from registered agencies/ suppliers/ individuals for supply of morbidity management kit to Khordha district. The details term and conditions are available in the district website **www.khordha.odisha.gov.in**. The bidding documents complete in all respect should reach the Office of Chief District Medical & Public Health Officer, NVBDCP, Khordha on or before 10.01.2025 through post or courier which should be superscribed as "BID DOCUMENTS FOR TENDER CALL NOTICE No.08/2024. The bids will be opened on 15.01.2025 at 11.30 A.M. in the office Chamber of CDM & PHO, Khordha. The authority reserves the right to cancel or accept any Quotation fully or partially without assigning any reason thereof.

Sd./- CDM & Public Health Officer, Khordha
OIPR-10029/11/0011/2425

## COUNCIL OF HIGHER SECONDARY EDUCATION, ODISHA
PRAJNAPITHA, SAMANTAPUR, BHUBANESWAR - 13

### EXTENSION OF TENDER CALL NOTICE No. 5097, Dt.29.11.2024

Bhubaneswar, dated the 19th December 2024

No. N-154: No. PPSM/17/2023/5692/CHSE(O), Sealed tenders are hereby invited from the intending reputed Firms/ Agencies/Suppliers having valid I.T., PAN and GST Registration Certificate to supply the following items detail is given below in table on hire basis only for the purpose of running of Control Room 24×7 hrs. for live streaming and web casting of EMHs and Examination Centers (402 Nos.) from all over Odisha from 18.02.2025 to 27.03.2025 in connection with the Annual Higher Secondary Examination - 2025. The items are given below:

| Sl. No. | Items | Quantity | Amount |
|---|---|---|---|
| 01 | LED TV 55" Inch | 10 Nos. | |
| 02 | Desktop with Accessories | 10 Nos. | |
| 03 | Man Power | 06 Nos. | |
| 04 | Printer | 02 Nos. | |

All tender applications will be received through Speed Post/ Registered Post to put in tender box only which must be reached on or before **30.12.2024 at 03.00 P.M.** to the undersigned and the same shall be opened on date **30.12.2024 at 04.00 P.M.** in presence of the representatives of the Firms/Agency/Suppliers present if any. The detail tender documents along with the terms and conditions, tender format, etc., can be downloaded from the Council website, i.e. **www.chseodisha.nic.in**. The Council reserves the right to reject any or all tenders without assigning any reason thereof.
**NB:** The suppliers who will participate in the tender process, shall be deposited the EMD of Rs.45,000/-.

By order of the Chairman
OIPR-11003/11/0012/2425 Sd./- Secretary

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବିଜେପୁର
## OFFICE OF THE NOTIFIED AREA COUNCIL,BIJEPUR
AT/PO/PS:-Bijepur, Dist:-Bargarh (Odisha), PIN:-768032
Email ID:-bijepurnac2018-od@gov.in, bijepurnac2018@gmail.com
Website:bijepurnac.in

Letter No.1311/NACB Date:19.12.2024

NOTICE INVITING TENDER FOR PUBLISH IN NEWSPAPER

**No.C-1302:**Sealed bid in conformity with Detailed Tender Call Notice are invited for "Providing Manpower Sanitation Services (Drivers-09 & Sanitation Supervisors-02 Nos.) in Ward No.1 to 11 of Bijepur NAC" percentage rate contract from intending registered firms'/ Agency/ NGOs/ Private Companies working within the jurisdiction of Odisha, having eligibility criteria as stipulated in DTCN, for execution of the under mentioned work apply through e-Tender of bid document shall start from dt.23.12.2024 at 10.00 AM & closing on dt.01.01.2025 at 5.00 PM and bid documents will be opened on 02.01.2025 at 11.00 AM in presence of the bidder or their authorize representatives who wish to remain present during opening of tender.

OIPR-13123/11/0004/2425 Sd./- Executive Officer, NAC, Bijepur

No.CAD-1956

## Odisha Lift Irrigation Corporation Ltd.
(A Government of Odisha Undertaking)
Plot No.N-17/2, Nayapalli, Bhubaneswar- 751012
Phone No.0674-2390195, Fax No.0674-2395844, E-mail Id:olicltd123@bsnl.in.

ଓଡ଼ିଶା ଉଠାଜଳସେଚନ ନିଗମ ଦ୍ୱାରା ତା.9.12.2024 ରିଖରେ ପ୍ରକାଶିତ ବିଜ୍ଞାପନରେ **"ଅଚଳ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ଓ ପୁରାତନ ସଚଳ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପର ସୁଦୃଢ଼ୀକରଣ"** ପାଇଁ ପାଣି ପଞ୍ଚାୟତମାନଙ୍କଠାରୁ ଅନ୍‌ଲାଇନ ଆବେଦନ ପାଇଁ ଶେଷ ତାରିଖ 20.10.2024 ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଥିଲା।

ରାଜ୍ୟର ଚାଷୀମାନଙ୍କ ଆଗ୍ରହକ୍ରମେ ଏହାର ସମୟ ସୀମାକୁ 25.12.2024 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେଣୁ ପାଣି ପଞ୍ଚାୟତର ସଭ୍ୟସଭ୍ୟାମାନେ ଏହାର ସୁଯୋଗ ନେଇ ନିଗମର ୱେବ୍‌ସାଇଟ http://odishalift.com ରେ ଆବେଦନ କରିବାକୁ ଅନୁରୋଧ।

ସ୍ୱା./- କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ବୈଷୟିକ)
OIPR-32432/11/0005/2425

## ନିଲାମ ସର୍ତ୍ତାବଳୀ

No.MM-361:ଏତଦ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, କାଜୁବାଦାମ ସଂଗ୍ରହ ପାଇଁ ନିଲାମରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ଆସନ୍ତା ତା.୧୦.୦୧.୨୦୨୫ ରିଖ ଦିବା ୧୧ ଘଟିକା ସମୟରେ ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ନିଲାମରେ ଅଂଶଗ୍ରହଣ କରିବା ପାଇଁ ନିମ୍ନଲିଖିତ ସର୍ତ୍ତାବଳୀ ପାଳନ କରିବେ।

- ନିଲାମରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ଟ.୨୦,୦୦୦.୦୦ (କୋଡିଏ ହଜାର) ର E.M.D. Demand Draft in favour of Divisional Forest Officer, Cuttack Forest Division, Cuttack ଙ୍କ ନାମରେ ଦାଖଲ କରିବେ। ଏହି Demand Draft payable at any Nationalized Bank of India, Cuttack ରେ ହେବା ଆବଶ୍ୟକ।
- ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ନିଲାମ ଅର୍ଥ, ଧାର୍ଯ୍ୟ କର (GST-18%) ସହିତ ନିଲାମ ତାରିଖ ଦିନ ଦାଖଲ କରିବେ, ନଚେତ୍ ନିଲାମ ପାଇଁ ଦାଖଲ ହୋଇଥିବା E.M.D. ଅର୍ଥ ସରକାରଙ୍କ ତହବିଲକୁ ଚାଲିଯିବ।
- ନିଲାମରେ ଅଂଶଗ୍ରହଣ କରୁଥିବା ଇଚ୍ଛୁକ ବ୍ୟକ୍ତିମାନେ ନିଜସ୍ୱ ବିଧିମାନ୍ୟ GST ପଞ୍ଜୀକରଣ ପ୍ରମାଣପତ୍ର, ଯାହାକି ସମ୍ପୃକ୍ତ ପ୍ରାଧିକାରୀଙ୍କଠାରୁ ପ୍ରାପ୍ତ ନିଲାମ ସମୟରେ ପେଶ କରିବେ।
- ସର୍ବୋଚ୍ଚ ନିଲାମଧାରୀ ବ୍ୟକ୍ତିଙ୍କ ବ୍ୟତୀତ ନିଲାମରେ ଅଂଶଗ୍ରହଣ କରିଥିବା ଅନ୍ୟ ସମସ୍ତ ନିଲାମଧାରୀଙ୍କର E.M.D. ଅର୍ଥ ଉକ୍ତ ନିଲାମ ପରେ ଫେରସ୍ତ ଦିଆଯିବ ଏବଂ ସର୍ବୋଚ୍ଚ ଡାକଧାରୀ ବ୍ୟକ୍ତିଙ୍କ E.M.D. ତାଙ୍କ ନିଲାମ ଅର୍ଥ ବାବଦ ହିସାବକୁ ନିଆଯିବ।
- ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡ ନିଲାମ ଲଟ୍-ଟିକୁ କୌଣସି କାରଣ ନ ଦର୍ଶାଇ ପ୍ରତ୍ୟାହାର କରିପାରିବେ।

ନିଲାମ ହେବାକୁ ଉଦ୍ଦିଷ୍ଟ ଲଟ୍‌ର ବିଶଦ ବିବରଣୀ:-

| କ୍ରମିକ ନମ୍ବର | ଲଟ ନମ୍ବର | ସ୍ଥାନର ନାମ | ବନାଞ୍ଚଳ | ତାରିଖ, ସମୟ ଓ ସ୍ଥାନ |
|---|---|---|---|---|
| ୧ | ୦୪/ ୨୦୨୪- ୨୫ | ଆଗ୍ରାହାଟ୍, ଚଣ୍ଡିଖୋଲ, କାଳିଆମ୍ବା, ଜଲୁକା | ଡାଳିଯୋଡ଼ା | ତା.୧୦.୦୧.୨୦୨୫ ଦିବା ୧୧ ଘଟିକା, ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, କଟକ ବନଖଣ୍ଡ, କଟକ |

ସ୍ୱା./- ବନଖଣ୍ଡ ଅଧିକାରୀ
କଟକ ବନଖଣ୍ଡ, କଟକ
OIPR-08025/11/0011/2425

# ‘ଚାଷୀଙ୍କ ଧାନ ନ ଉଠିଲେ ଆନ୍ଦୋଳନ’

ବଲାଙ୍ଗୀର,୨୧।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସର୍କିଟ ହାଉସଠାରେ ଶନିବାର ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ବୈଠକ ସ୍ଥାନୀୟ ବିଧାୟକ କଲିକେଶ ନାରାୟଣ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲାର ଧାନ କିଣା ଅବ୍ୟବସ୍ଥାକୁ ନେଇ ସରଗରମ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ସହକାରୀ ଯୋଗାଣ ଅଧିକାରୀ ଶରତ ରାଉତ ଉପସ୍ଥିତ ଥିଲେ। ବିଧାୟକ ସିଂଦେଓ ବଲାଙ୍ଗୀର ନିର୍ବାଚନମଣ୍ଡଳୀରେ ଚାଷୀଙ୍କ ଧାନକିଣା ଅବ୍ୟବସ୍ଥାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ମିଲର୍ସ ଓ ଯୋଗାଣ ବିଭାଗ ମିଳିତ ଭାବେ



ବିଧାୟକ କଲିକେଶ ନାରାୟଣ ସିଂଦେଓ ଧାନକିଣା ପ୍ରକ୍ରିୟାର ସମୀକ୍ଷା କରୁଛନ୍ତି।

### ବଲାଙ୍ଗୀରରେ ଧାନ କିଣା ଅବ୍ୟବସ୍ଥା

ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗ କରିଥିଲେ। ସେ ପ୍ରଶ୍ନ କରିଥିଲେ ଯେ, କେଉଁ ନିୟମ ବଳରେ ଜିଲାର ପାଟଣାଗଡ ଓ ଲୋଇସିଂହା ନିର୍ବାଚନମଣ୍ଡଳୀର ଚାଷୀଙ୍କ ଠାରୁ ପଲିଥିନ ବସ୍ତାରେ ଧାନ କିଣାଯାଉଛି ଏବଂ ବଲାଙ୍ଗୀରର ଚାଷୀଙ୍କ ପଲିଥିନ ବ୍ୟାଗରେ ଧାନ କିଣାଯାଉନାହିଁ। ଏହି ପ୍ରଶ୍ନର ଉତ୍ତର ଯୋଗାଣ ଅଧିକାରୀ ଦେଇପାରି ନ ଥିଲେ। କଲିକେଶ କହିଥିଲେ, ବଲାଙ୍ଗୀରର ଚାଷୀଙ୍କ ଧାନ ପଲିଥିନ ପ୍ୟାକେଟରେ ନେବାକୁ ପଡିବ। ନ ନେଲେ ଆଗକୁ ବିଜେଡି ପକ୍ଷରୁ ରାସ୍ତାରୋକୋ କରାଯିବ ବୋଲି କଲିକେଶ ଚେତାବନୀ ଦେଇଥିଲେ। ଶନିବାର ବିଧାୟକ ସିଂଦେଓ ବଲାଙ୍ଗୀର ବ୍ଲକର ସଦେଇପାଲି, ଚନ୍ଦନଭାଟି, ଝାଙ୍କରପାଲି, ଶିବତଲା ଧାନ ମଣ୍ଡି ପରିଦର୍ଶନ କରିବାକୁ ଯାଇଥିଲେ। ସେଠାରେ ବିଳମ୍ବରେ ଧାନମଣ୍ଡିଗୁଡିକ କେଉଁ ଉଦ୍ଦେଶ୍ୟରେ ଖୋଲାଯାଇଛି ବୋଲି ପ୍ରଶ୍ନ କରିଥିଲେ। ଚାଷୀମାନଙ୍କୁ ଧାନ ଭର୍ତ୍ତି କରିବାକୁ ଦିଆଯାଉଥିବା ଅଖା ବସ୍ତା ମଧ୍ୟ ଫଟା ହୋଇଥିବା ଦେଖି ବିଧାୟକ ବିରକ୍ତି ପ୍ରକାଶ କରିଥିଲେ। ସମୀକ୍ଷା ବୈଠକରେ ଏଭଳି ଫଟା ବସ୍ତା ଦେଖାଇ ଭାଜପା ସରକାରଙ୍କୁ କଡା ସମାଲୋଚନା କରିଥିଲେ। ଚାଷୀଙ୍କ ଧାନ ବିନା କଟ୍‌ନି ଛଟ୍‌ନିରେ ଉଠାଯାଉ ବୋଲି ଦାବି କରିଥିଲେ। ଜିଲାର ଦୁଇଟି ନିର୍ଦ୍ଦିଷ୍ଟ ରାଇସ୍ ମିଲକୁ ଚାଷୀ ବିରୋଧୀ କହି ବଲାଙ୍ଗୀର ବିଧାନସଭା ଅଞ୍ଚଳରୁ ବାଦ ଦିଅନ୍ତୁ ବୋଲି ସେ କହିଥିଲେ। ରବିବାର ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ମଧ୍ୟରେ ବିଜେଡି ଟିମ୍ ଧାନମଣ୍ଡି ପରିଦର୍ଶନ କରିବେ ବୋଲି କହିଥିଲେ।

## ସଂକ୍ଷେପରେ

### ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଖଡ଼ିଆଳ,୨୧।୧୨(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳଠାରେ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଖଡିଆଳଠାରୁ ବିଶାଖାପାଟଣାକୁ ବସ ସେବା ଆରମ୍ଭ ନେଇ ଦାବି କରାଯାଇଛି। ଖଡିଆଳଠାରୁ ଏହି ସେବା ଆରମ୍ଭ ହେଲେ ବିଶେଷକରି ଉନ୍ନତମାନର ସ୍ୱାସ୍ଥ୍ୟସେବାକୁ ଅଞ୍ଚଳବାସୀ ସହଜ ଏବଂ ସୁବିଧାରେ ଯାତାୟତ କରି ପାଇପାରିବେ ବୋଲି ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଡ.ସିଦ୍ଧାର୍ଥ ଶଙ୍କର ମହାପାତ୍ର, ଶ୍ରବଣ ନିଆଳ, ଆଶିଷ ପଣ୍ଡା, ଜନାର୍ଦ୍ଦନ ପାତ୍ର ଏବଂ ସୁରେଶ ହଟୱାର ପ୍ରମୁଖ ସାମିଲ ହୋଇଥିଲେ।

# ସଫେଇ କର୍ମଚାରୀଙ୍କ ଧାରଣା



ଧାରଣା ଦେଇଥିବା ସଫେଇ କର୍ମଚାରୀ।

ଟିଟିଲାଗଡ଼,୨୧।୧୨ (ଶରତ ମିଶ୍ର)

ଟିଟିଲାଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନା ଏବଂ ମାତୃ ଓ ଶିଶୁ ଡାକ୍ତରଖାନାରେ ୨୯ ଜଣ ସଫେଇ କର୍ମଚାରୀଙ୍କୁ ଠିକାଦାର ଜରିଆରେ ଅସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଇଛି । ସରକାରଙ୍କ ପକ୍ଷରୁ ନିଯୁକ୍ତ ଠିକା ସଂସ୍ଥା ନିଜର ଲାଭ ପାଇଁ କାର୍ଯ୍ୟ କରୁଥିବା ବେଳେ ସଫେଇ କର୍ମଚାରୀଙ୍କୁ ୪ ମାସ ହେଲା ବେତନ ପ୍ରଦାନ କରାଯାଇନାହିଁ। ଏ ନେଇ କର୍ମଚାରୀମାନେ ଶନିବାର କଂଗ୍ରେସ ନେତା ବୀରେନ୍ଦ୍ର ବାଗଙ୍କ ନିକଟରେ ଫେରାଦ ହୋଇଥିଲେ । ପରେ କଂଗ୍ରେସ ନେତା ବାଗ ଓ ସଫେଇ କର୍ମଚାରୀମାନେ ଟିଟିଲାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଥିଲେ । ସାମାଜିକ କର୍ମୀ ଗୀତାଞ୍ଜଳି ଦାଶ ଧାରଣାରେ ସାମିଲ ହୋଇ ସଫେଇ କର୍ମଚାରୀଙ୍କ ଦାବିକୁ ସମର୍ଥନ କରିଥିଲେ। ଦୀର୍ଘ ସମୟ ଧରି ସଫେଇ କର୍ମଚାରୀ ଧାରଣାରେ ବସିବା ପରେ ପ୍ରଶାସନ ପକ୍ଷରୁ ସହକାରୀ ଜିଲାପାଳ ସନ୍ତୋଷ ବେହେରା ପହଞ୍ଚି ଆଲୋଚନା କରିଥିଲେ। ଏନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ତୁରନ୍ତ ବକେୟା ଦରମା ପ୍ରଦାନ ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ୭ ଦିନ ମଧ୍ୟରେ ପାଉଣା ପ୍ରଦାନ କରା ନ ଗଲେ ଆମରଣ ଅନଶନ କରିବେ ବୋଲି ସଫେଇ କର୍ମଚାରୀମାନେ ଚେତାବନୀ ଦେଇଛନ୍ତି ।

# ସ୍କୁଲ ଆଗରେ ଛାତ୍ର,ଅଭିଭାବକଙ୍କ ଧାରଣା

ଦେଓଗାଁ,୨୧।୧୨ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କ ଡେପୁଟେଶନ ବାତିଲ ଦାବି ନେଇ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଶନିବାର ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ପଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୭୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଏମାନଙ୍କୁ ପାଠ ପଢ଼ାଇବା ପାଇଁ ପ୍ରଧାନଶିକ୍ଷକଙ୍କ ସହ ମୋଟ ୫ ଜଣ ଶିକ୍ଷକ ରହିଛନ୍ତି। ତେବେ ବରିଷ୍ଠ ତଥା ଅଭିଜ୍ଞ ଶିକ୍ଷକ ସୁନୀଲ ସାଗରଙ୍କୁ ବିଭାଗ ବାବିଯୋର ସ୍କୁଲକୁ ଡେପୁଟେଶନରେ ପଠାଇବା ଖବର ଜଣାପଡିବା ପରେ ଗ୍ରାମବାସୀ ତଥା ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ନୂଆଁପାଲି ଗାଁ ମଣ୍ଡପରେ ଗ୍ରାମବାସୀ ଏକାଠି ହୋଇ ଶିକ୍ଷକ ସାଗରଙ୍କ ବଦଳି ବାତିଲ ନକଲେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଶନିବାର ଦିନ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଧାରଣା ଦେଇ ପ୍ରତିବାଦ କରିଥିଲେ । ଏନେଇ ବ୍ଲକ ଶିକ୍ଷାଧିକାରୀ ମମତା ମହାଡିକଙ୍କୁ ପଚାରିବାରେ ବାବିଯୋର ଗ୍ରାମବାସୀ ଜିଲାପାଳଙ୍କୁ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଥିଲେ । ପରେ ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ନୂଆଁପାଲି ସ୍କୁଲର ବରିଷ୍ଠ ଶିକ୍ଷକ ହିସାବରେ ସୁନୀଲ ସାଗରଙ୍କୁ ଡେପୁଟେଶନରେ ପଠାଯାଇଛି ବୋଲି କହିଥିଲେ ।

# ଜୈବିକ ଅର୍କ ଉତ୍ପାଦନ ଓ ବିକ୍ରୟ କେନ୍ଦ୍ର ବୁଲି ଦେଖିଲେ ପ୍ରତିନିଧି ଦଳ

ଦେଓଗାଁ,୨୧।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ବାବିଯୋର ଗାଁରେ ଆରମ୍ଭ ହୋଇଥିବା ଜୈବିକ ଅର୍କ ଉତ୍ପାଦନ ଓ ବିକ୍ରୟ କେନ୍ଦ୍ରକୁ ଏକ ପ୍ରତିନିଧି ଦଳ ପରିଦର୍ଶନ କରିଛନ୍ତି । ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ) ଭୁବନେଶ୍ୱର କାର୍ଯ୍ୟାଳୟର କୃଷି ବିଶେଷଜ୍ଞ ଶ୍ରୀଧର ବେହେରା, ଜିଲା ସଂଯୋଜକ ସୁଜିତ କୁମାର ଶତପଥୀ, ଦେଓଗାଁ ବ୍ଲକ ଓଡିଶା ଜୀବିକା ମିଶନର ଦାୟିତ୍ୱରେ ଥିବା ବିପିଏମ ତଥା ବିଏଲସି ସବ୍ୟାରାଣୀ ମହାଲିଙ୍ଗ ପ୍ରମୁଖ ମାଲିପାଲି ସାପ୍ତାହିକ ବଜାରଠାରେ ଜୈବିକ ଉତ୍ପାଦିତ ସାମଗ୍ରୀ ବିକ୍ରୟ କେନ୍ଦ୍ରକୁ ଯାଇ ଚାଷୀ ଓ କ୍ରେତାଙ୍କ ସହ ଆଲୋଚନା କରିଥିଲେ । ପରେ ବାବିଯୋର ଗାଁରେ ଥିବା ଜୈବିକ ଅର୍କ ଉତ୍ପାଦନ ଓ ବିକ୍ରୟ କେନ୍ଦ୍ରକୁ ଯାଇ



ବାବିଯୋର ଗାଁରେ ଜୈବିକ ସାର ଉତ୍ପାଦନ ଓ ବିକ୍ରୟ କେନ୍ଦ୍ରକୁ ପ୍ରତିନିଧି ଦଳ ପରିଦର୍ଶନ କରୁଛନ୍ତି।

କଲ୍ୟାଣୀ ଓ ଗଙ୍ଗା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ଜୈବିକ ଅର୍କ ଜୀବାମୃତ, ନିମ୍ବ ଗୋମୂତ୍ର ଅର୍କ, ଲଙ୍କା ରସୁଣ ଅର୍କ ତଥା ମିଶ୍ରିତପତ୍ରର ଅର୍କ ପ୍ରସ୍ତୁତିର ବିଭିନ୍ନ ଦିଗ, ,ପ୍ରୟୋଗ ବିଧି ଓ ବଜାର ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଏହାସହ ସଂପୃକ୍ତ ଏସଏଚଜି ଦଳର ନିଜସ୍ୱଖର୍ଚ୍ଚରେ ଚଲାଇଥିବା ଉଦ୍ୟମକୁ ପ୍ରଶଂସା କରିବାସହ ଆଗକୁ କେମିତି ସରକାରୀ ସହାୟତା ମିଳିପାରିବ ସେନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ଏମବିକେ ସ୍ୱର୍ଣ୍ଣଚମ୍ପା ପ୍ରଧାନ ତଥା ସମସ୍ତ ଏସଏଚଜି ସଦସ୍ୟା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବ୍ଲକ ମାଷ୍ଟର ଟ୍ରେନର ସଂଯୋଜନା କରିଥିଲେ। ସିଆରପିସିଏମ ପୁଷ୍ପାଞ୍ଜଳୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଂସ୍କାର ବିନା ଶିକ୍ଷା ଅସମ୍ଭବ

### ସାଇ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ବେଲପଡ଼ା,୨୧।୧୨(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ାସ୍ଥିତ ସାଇ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି । ସ୍କୁଲର ନୂତନ କୋଠା ପରିସରରେ ହୋଇଥିବା ଏହି ଉତ୍ସବରେ ସ୍କୁଲର ପ୍ରିନ୍ସିପାଲ ମନୋରମା ପୁଟେଲ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ବେଲପଡା ପଞ୍ଚାୟତ ସମିତି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ନବୀନ କୁମାର ମେହେର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଲକ୍ଷ୍ମୀ ନାରାୟଣ ପୁଟେଲ, ବିଦ୍ୟାଳୟ ପରିଚାଳନା ସଭାପତି ସ୍ୱାଗତିକା ମହାଖୁଡ, ମ୍ୟାନେଜିଂ ଡାଇରେକ୍ଟର ଶିବବ୍ରତ ମହାଖୁଡ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଦିନରଘୁ ମେହେର ହାଇସ୍କୁଲର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ଯୋଗଦେଇ କହିଥିଲେ, ବର୍ତ୍ତମାନ ସମୟରେ ଶିକ୍ଷାରେ ସଂସ୍କାର ରହିବା ନିହାତି ଆବଶ୍ୟକ । ଏଥିପାଇଁ ଶିକ୍ଷକ ଓ ଅଭିଭାବକମାନଙ୍କର ଗୁରୁଦାୟିତ୍ୱ ରହିଥିବା ବେଳେ ସଂସ୍କାର ବିନା ଶିକ୍ଷା ଅସମ୍ଭବ ବୋଲି କହିଥିଲେ । ଏହି ଅବସରରେ ବାର୍ଷିକ ଉତ୍ସବ ପାଇଁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ । ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରିଥିଲେ । ବରିଷ୍ଠ ଶିକ୍ଷକ ମଳୟ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ,କର୍ମଚାରୀଙ୍କ ସମେତ ଦାରାସିଂ ପୁଟେଲ, ପଦ୍ମନାଭ ମେହେର ଓ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ ।



# ଶୃଙ୍ଖଳିତ ହୁଅ, ଭଲ ପାଠପଢ଼

ସୋନପୁର,୨୧।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ଧୁବାମୁଣ୍ଡାସ୍ଥିତ ସୁକାନ୍ତି ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଶନର ବାର୍ଷିକ ଉତ୍ସବ ଉତ୍କର୍ଷ-୨୪ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ଡ. ଯଶୋବନ୍ତ ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହେବା ସହ ଭଲ ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ। ସେହିପରି ଉତ୍ତମ ଶିକ୍ଷା ସହିତ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଜ୍ଞାନର ବିକାଶ ଉପରେ ଡ. ସାମଲ ଗୁରୁତ୍ୱାରୋପ କରିଥିଲେ। ଓଷ୍ଟାର ସୁବର୍ଣ୍ଣପୁର ଜିଲା ସଭାପତି ଅଖୁଜ ପଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ର ସମାଜ ଦେଶର ଭବିଷ୍ୟତ, ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ସୁନାଗରିକଭାବେ ଗଢ଼ି ତୋଳିବା ଉଚିତ। ଏ ଦିଗରେ ଶିକ୍ଷାନୁଷ୍ଠାନ ଓ ଅଭିଭାବକମାନେ ଯତ୍ନବାନ ହେବା ଆବଶ୍ୟକ ବୋଲି ପଧାନ କହିଥିଲେ। ସୁକାନ୍ତି ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନର ସମ୍ପାଦକ କମଳିନୀ ତ୍ରିପାଠୀ ସଭାରେ



ସୁକାନ୍ତି ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଶନର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଉତ୍କର୍ଷ-୨୦୨୪**

ଅଧ୍ୟକ୍ଷତା କରିବା ସହ ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ବିଶ୍ୱନାଥ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁକାନ୍ତି ଇଣ୍ଟର ନ୍ୟାଶନାଲ ସ୍କୁଲ ଅଧ୍ୟକ୍ଷ ସନ୍ତୋଷ କୁମାର ବାସ ଓ ସୁକାନ୍ତି ଏକାଡେମୀର ଅଧ୍ୟକ୍ଷ ଡ. ବିଭୂତି ଭୁଷଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ର ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସିଏଚଏସଇ ଯୁକ୍ତ ୨ ବୋର୍ଡ ପରୀକ୍ଷାରେ ଏକାଡେମୀ ଟପ୍ପର ଆଶା ବାରିକ, ସିବିଏସ୍‌ଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଟପ୍ପର ମଙ୍ଗଳମ ବଡମାଳି, ଶକ୍ତି ସାଗର ପ୍ରଧାନ, ଅଙ୍କିତ ପଧାନ, ନିତିଶ ଭୋଇ, ପ୍ରିୟଙ୍କା ପ୍ରଧାନ, ପ୍ରିତିଶ ନାୟକ, ଜୁନିଦ ଖାଁ, ପ୍ରିୟାଂଶୁ ଶେଖର ବିଶି, ମୋହିତ କୁମାର ମେହେର, ସୌମ୍ୟରାଣୀ ନନ୍ଦ, ପ୍ରଭାତ କୁମାର ବଘାର, ଜଗନ ମୋହନ କୁମ୍ଭାର, ପ୍ରଦ୍ୟୁତ୍ ମେହେର, ତନ୍ମୟୀ ନାଏକ, ଶେଖର ପଧାନ, ଅନୁଷ୍କା ଅରୋମିରା ଓ ସାଇ ପ୍ରସାଦ ଦାଶଙ୍କୁ ଶ୍ରେଷ୍ଠ ଛାତ୍ରୀଛାତ୍ର ଭାବେ ସମ୍ମାନିତ କରାଯାଇଥିଲା। ସେହିପରି ଅନ୍ୟ ବିଭାଗରେ କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ ଦୁର୍ଯ୍ୟୋଧନ ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରମେଶ ମିଶ୍ର, ସ୍ୱାଗତ ସୌରଭ ସାହୁଙ୍କ ସମେତ ଅନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

# ଲକ୍ଷ୍ୟ ହାସଲ ପାଇଁ ସ୍ୱପ୍ନ ଦେଖ

ସୋନପୁର,୨୧।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ପ୍ୟାଲେସ ଗାର୍ଡେନ ସ୍ଥିତ ପ୍ରଜ୍ଞା ଭାରତୀ ଆବାସିକ ବିଦ୍ୟାଳୟ ଦଶମ କ୍ରୀଡା ଓ ବାର୍ଷିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସୋନପୁର ଗୋଷ୍ଠି ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଲକ୍ଷ ହାସଲ ପାଇଁ ବଡ ସ୍ୱପ୍ନ ଦେଖିବାକୁ କହିଥିଲେ। ଧୈର୍ଯ୍ୟ, ଦୃଢ ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ଦ୍ୱାରା ଲକ୍ଷ୍ୟ ହାସଲ କରିବା ସମ୍ଭବ ବୋଲି ମିଶ୍ର କହିଥିଲେ। ସମ୍ମାନିତ ଅତିଥିଭାବେ ସୋନପୁର କଲେଜର ହିନ୍ଦି ପ୍ରାଧ୍ୟାପକ ଘନଶ୍ୟାମ ଖର୍ସେଲ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଲେଖକ ଶ୍ରୀଧର ବାଗ ଯୋଗଦେଇ ଛାତ୍ରୀଛାତ୍ର ଭଲ କଥା ଓ ମହାପୁରୁଷଙ୍କ ଜୀବନୀକୁ ଅନୁସରଣ କରିବା ଉଚିତ ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା



ପ୍ରଜ୍ଞା ଭାରତୀ ଆବାସିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥିମାନେ।

ନିର୍ଦ୍ଦେଶକ ସନ୍ତୋଷ କୁମାର ପୂଜାହାରୀ ସଭାରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଶିକ୍ଷକ ରମେଶ ପ୍ରସାଦ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଓଏଏସ୍ ପରୀକ୍ଷାରେ ୨୬ ନମ୍ବର ର୍ୟାଙ୍କ୍ ରଖିଥିବା ଶିବାନନ୍ଦ କର୍ମୀ ଓ ମେଡିକାଲ ଛାତ୍ର ତୁଷାର ରଞ୍ଜନ ନାଏକଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ପରେ କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଓ ଯୋଗ ଶିକ୍ଷକ ମନୋଜ ପଣ୍ଡା ଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଖେଳକୁଦର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

# ଗୋଧନେଶ୍ୱର ଶିବ ମନ୍ଦିରରୁ ୬ ପିତ୍ତଳ ମୂର୍ତ୍ତି ଚୋରି

**ଅମରପାଲି,୨୧।୧୨(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଜଟେସିଂହା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଗୋଧନେଶର ଶୈବପୀଠରୁ ଚୋରି ହୋଇଛି। ଶୁକ୍ରବାର ରାତିରେ ପୂଜକ ମନ୍ଦିର ତାଲା ପକାଇ ଘରକୁ ଯାଇଥିଲେ। ଶନିବାର ସକାଳୁ ମନ୍ଦିର ଖୋଲିବାକୁ ଆସିବାବେଳେ ଫାଟକ ତାଲା ଭଙ୍ଗା ହୋଇଥିବା ପୂଜକ ଦେଖିବାକୁ ପାଇଥିଲେ। ଭିତରକୁ ପ୍ରବେଶ ପରେ ମୁଖ୍ୟ ନାଗ ମୂର୍ତ୍ତି ନ ଥିବା ବେଳେ ଅନ୍ୟାନ୍ୟ ୬ଟି ପିତଳ ମୂର୍ତ୍ତି ଚୋରି କରି ହୋଇଥିବା ଦେଖିବାକୁ ମିଳିଥିଲା। ଏନେଇ ମନ୍ଦିର ପୂଜକ କମିଟି ଓ ସୁବଳୟା ପୋଲିସକୁ ଖବର ଦେଇଥିଲେ। ଖବର ପାଇ କମିଟି ସଦସ୍ୟ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପଧାନ ଘଟଣାର ଅନୁସନ୍ଧାନ କରୁଛନ୍ତି। ଖୁବ୍‌ଶୀଘ୍ର ଚୋରକୁ ଧରାଯିବ ବୋଲି କରିଛନ୍ତି।



ଗୋଧନେଶ୍ୱର ମନ୍ଦିର ମୁଖ୍ୟ ଫାଟକ।

# ଟ୍ରେନ୍‌ରେ କଟି ବୃଦ୍ଧା ମୃତ

ସୋନପୁର,୨୧।୧୨ (ମୃତ୍ୟୁଞ୍ଜୟ ଶତପଥୀ)

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ସୋନପୁର ନିକଟସ୍ଥ ନରସିଂଗଡ ରେଳଷ୍ଟେଶନ ନିକଟରେ ଟ୍ରେନ୍‌ରେ କଟି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତଙ୍କ ନାମ ରତକା ପୋଢ(୮୦)। ତାଙ୍କ ଘର ଖମ୍ବେଶ୍ୱରୀପାଲି ଗାଁରେ। ବଲାଙ୍ଗୀର-ସୋନପୁର ପାସେଞ୍ଜର ଟ୍ରେନ୍ ସୋନପୁର ଷ୍ଟେଶନ ଅଭିମୁଖେ ଆସୁଥିବା ବେଳେ ରତକା ଜାଣି ନ ପାରି ଟ୍ରେନ୍ ଆଗକୁ ଚାଲି ଆସିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

# ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଡୁଙ୍ଗୁରିପାଲି,୨୧।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଏସ ରାମପୁର ଶିଶୁ ବିଦ୍ୟାମନ୍ଦିରର ୨୦ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଲିଙ୍ଗରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଭିତରେ ସ୍ୱତନ୍ତ୍ର ଦକ୍ଷତା ଏବଂ ପ୍ରତିଭା ରହିଛି। ସେମାନଙ୍କ ପ୍ରତିଭାର ପରିସ୍ଫୁଟନ ପାଇଁ ସୁଯୋଗ ଉପଲବ୍ଧ କରାଇବା ପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ଏସ୍.ରାମପୁର ଶ୍ରୀରାମ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ରମେଶଚନ୍ଦ୍ର



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ପୂଜାରୀ, ମୁଖ୍ୟବକ୍ତାଭାବେ ସ୍ୱୟଂସେବକ ନଗରପ୍ରଚାର ପ୍ରମୁଖ ତଥା ଜଗନ୍ନାଥ ସଂସ୍କୃତି ପରିଷଦ ବଲାଙ୍ଗୀର ଜିଲା ସଭାପତି ସୌମ୍ୟ ମିଶ୍ର ଯୋଗଦାନ କରିଥିଲେ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ମନୋଜ ନାଏକ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସବ୍ୟସାଚୀ ଭୋଇ, ସମ୍ପାଦକ ପ୍ରଫୁଲ୍ଲ ମେହେର ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା ସମିତି ଯୁଗ୍ମସମ୍ପାଦକ ସୁଶୀଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ଭଉଣୀଭାଇମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

DSPL - 265

सत्यमेव जयते
Government Of India



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

**ପି.ଏମ୍ କିଷାନ**
**ଯୋଜନାର ସ୍ୱତନ୍ତ୍ର ଅଭିଯାନ**



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସମସ୍ତ ବର୍ଗର ଭୂମିଧାରୀ (କ୍ଷୁଦ୍ର, ନାମମାତ୍ର, ମଧ୍ୟମ ଓ ବୃହତ) ଚାଷୀ ଏହି ପ୍ରକ୍ରିୟାରେ ସାମିଲ ହେବେ

ପିଏମ କିଷାନରେ ପଞ୍ଜିକୃତ ଥାଇ ମଧ୍ୟ ସହାୟତା ରାଶି ପାଇପାରୁନଥିବା ହିତାଧିକାରୀ ନିମ୍ନଲିଖିତ ପ୍ରକ୍ରିୟାଗୁଡ଼ିକୁ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ:-

* ନିଜର ବ୍ୟାଙ୍କ ଆକାଉଣ୍ଟ ସହିତ NPCI ଅଧୀନରେ ଆଧାର ଲିଙ୍କ୍ କରନ୍ତୁ
* ନିଜର ଜମିଜମା ସମ୍ବନ୍ଧୀୟ ତଥ୍ୟ କୃଷକ ଓଡିଶା ପୋର୍ଟାଲରେ ଅପଡେଟ କରନ୍ତୁ
* ପି.ଏମ କିଷାନ ପୋର୍ଟାଲ (pmkisan.gov.in)ରେ ନିଜର e-KYC ସମ୍ପୂର୍ଣ୍ଣ କରନ୍ତୁ

ପି.ଏମ୍.କିଷାନ
ଯୋଜନାର ସ୍ୱତନ୍ତ୍ର ଅଭିଯାନର ଅବଧି
୩୧.୧୨.୨୦୨୪
ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।



*ଯୋଗ୍ୟ ହିତାଧିକାରୀ ନିକଟସ୍ଥ ଜନସେବା କେନ୍ଦ୍ରକୁ ଯାଇ ସି.ଏମ କିଷାନ ପୋର୍ଟାଲ (cmkisan.odisha.gov.in)ରେ ପଞ୍ଜିକରଣ କରନ୍ତୁ।

ଅଧିକ ସୂଚନା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ/ଜନସେବା କେନ୍ଦ୍ର/କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର - ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-01510/13/0025/2425

# ସବ୍‌ଡେଗାରେ ଯତ୍ରା ମହୋତ୍ସବ

ସବଡେଗା,୨୧।୧୨ (ଅନନ୍ତ ପଟେଲ)



ମହୋତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ୍ ସ୍ତରୀୟ ଯତ୍‌ରା ମହୋତ୍ସବ ଶନିବାର ସ୍ଥାନୀୟ ନ୍ୟୁ ଓଡ଼ିଶା ହାଇସ୍କୁଲ ଗାଇବିରା ଖେଳ ପଡ଼ିଆଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱଦୀପ କୁମାର ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତଳସରା ବିଧାୟକ ତଥା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଞ୍ଚଳିକ ସଂସ୍କୃତି ଓ ପରମ୍ପରା, ଆଞ୍ଚଳିକ ଗୀତ ନୃତ୍ୟ ଆଦିକୁ ବଜାୟ ରଖିବା ସହ ନିଜ ସଂସ୍କୃତି ଓ ପରମ୍ପରାକୁ ଭଲ ପାଇବା ପାଇଁ ପ୍ରେରଣା ଯୋଗାଇଦେବା ଯତ୍‌ରା ମହୋତ୍ସବର ଆୟୋଜନ ବୋଲି କହି ପ୍ରତିଯୋଗୀ ଓ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ଡେପୁଟି ଡାଇରେକ୍ଟର ପ୍ଲାନିଂ ବିଭୂତି ରଞ୍ଜନ ରାଉତ, ଏମ୍‌ପି ପ୍ରତିନିଧି ପ୍ରଶାନ୍ତ କୁମାର ସେଠ, ବ୍ଲକ୍ ଅଧ୍ୟକ୍ଷ କୁନ୍ତୀ ପ୍ରଧାନ, ତହସିଲଦାର ମାନସୀ ନାଏକ, ସିଡିପିଓ ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ୧୩ଟି ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରିଥିବା ବେଳେ ୧୩ଟି ଆଞ୍ଚଳିକ ଦଳ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲା ସ୍ତରୀୟ ଯତ୍‌ରା ମହୋତ୍ସବରେ ଅଂଶ ଗ୍ରହଣ କରିବେ। ଶିକ୍ଷକ ଅର୍ଜୁନ ରୋହିଦାସ ମଞ୍ଚ ପରିଚାଳନା କରିଥିଲେ। ଏବିଡିଓ ଶଶିଭୂଷଣ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ପକ୍ଷରୁ ନୂତନ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ସହ ସାକ୍ଷାତ ଆଲୋଚନା

ବଣାଇଁ,୨୧।୧୨(ପ୍ରଦୀପ ତ୍ରିପାଠୀ)



ବଣାଇଁ ବିଜୁ ଜନତା ଦଳ ପକ୍ଷରୁ ନୂତନଭାବେ ଯୋଗଦେଇଥିବା ଉପଖଣ୍ଡ ପୋଲିସ ଅଧିକାରୀ ସୋନାଲି ସିଂ ପରମାରଙ୍କୁ ବିଜେଡି ରାଉରକେଲା ସାଙ୍ଗଠନିକ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ନେତୃମଣ୍ଡଳୀ ସାକ୍ଷାତ ଆଲୋଚନା କରିଛନ୍ତି। ବଣାଇଁ ଉପଖଣ୍ଡର ନାନାଦି ଆଇନ ଶୃଙ୍ଖଳା ସମ୍ପର୍କିତ ଅସୁବିଧା ସମ୍ପର୍କରେ ଆଲୋଚନା କରିବା ସହ ତାର ସମାଧାନ ବିଷୟରେ ଆଲୋଚନା କରାଯାଇଥିଲା। ଏହି ସାକ୍ଷାତ ଆଲୋଚନା ସମୟରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିସାନ, ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବିରବିଚିତ୍ରସେନ ନାୟକ, କୁମାର ଗୌତମ ବାରିକ, ଉମେଶ ରାୟ, ସଞ୍ଜୟ ଦାଶ, ନବୀନ କିସାନ, ଅଗସ୍ତି ନାୟକ, ଏନ ଆଦି ନାରାୟଣ, ଅଶୋକ ପ୍ରଧାନ, ରହିତାଶ୍ୱ ମିଶ୍ର, ସିପୁନ ମିଶ୍ର, ଲିଙ୍ଗରାଜ ସାହୁ, ସୁରଜ ସେଠ, ଅଭିଷେକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଫାଇନାଲରେ ସ୍ପୋର୍ଟ୍ସ ହଷ୍ଟେଲ କଟକ,ରାଉରକେଲା ରେଡ୍

ଟେନସା,୨୧।୧୨(ସମୀର କୁମାର ପାଢ଼ୀ)

## ବେଣୁଧର ନାଏକ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ

ଏକତା ଫାଉଣ୍ଡେଶନ ଟ୍ରଷ୍ଟ କୋଇଡା ଆନୁକୂଲ୍ୟରେ ୨୫ତମ ସର୍ବ ଭାରତୀୟ ବେଣୁଧର ନାଏକ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ସ୍ପୋର୍ଟ୍ସ ହଷ୍ଟେଲ କଟକ ଦଳ ପାର୍କ ଏକାଡେମୀ କଲିକତା ଦଳକୁ ୧-୦ ଗୋଲ୍‌ରେ ହରାଇ ଫାଇନାଲରେ ପହଞ୍ଚିଛି। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ରାଉରକେଲା ରେଡ୍ ଦଳ କଙ୍ଗୁରାଗାଛି ଯୁବକ ସଂଘ କୋଲକାତା ଦଳକୁ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪-୩ ବ୍ୟବଧାନରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଉଭୟ ମ୍ୟାଚ୍‌ରେ କୋଇଡା ବ୍ଲକ୍ ବିଡିଓ ରଶ୍ମି ରେଖା ପାତ୍ର ଓ କୋଇଡା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ। ଅପରାହ୍ନ ୨.୩୦ରେ ଫାଇନାଲ ମ୍ୟାଚ ପୂର୍ବରୁ ଅପରାହ୍ନ ୧୨ଟାରେ ଜେଏସଏସପିଏଲ୍ ରାଞ୍ଚି ବନାମ୍ ନିତା ଫୁଟବଲ୍ ଏକାଡେମୀ କଟକ ମଧ୍ୟରେ ଅନୁଷ୍ଠିତ ହେବ। ଏକତା ଫାଉଣ୍ଡେଶନ ଟ୍ରଷ୍ଟ କୋଇଡା ସଭାପତି ମନୋଜ କୁମାର ମାହାନା, ସମ୍ପାଦକ ସନ୍ତୋଷ କୁମାର ବେହେରା, ଉପ ସଭାପତି ତଥା ଜିଲା ପରିଷଦ ସଦସ୍ୟ ଅଶୋକ କୁମାର ନାଏକ, ଯୁଗ୍ମ ସମ୍ପାଦକ ବିଜୟନନ୍ଦ ଜେନା, କୋଷାଧ୍ୟକ୍ଷ ଦେବବ୍ରତ ରାଉତ, ଧୀରଜ ଗୁପ୍ତା , ସମ୍ମିତ ଜେନା, ବିନୋଦ ଫତକାର, ରବି ରଣା ଓ ଅନ୍ୟାନ୍ୟ ସଦସ୍ୟମାନେ ଟୁର୍ନାମଣ୍ଟ ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି। ଫାଇନାଲ ମ୍ୟାଚରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ସେମିଫାଇନାଲରେ ମର୍ନିଂଷ୍ଟାର, ବିଏଫ୍‌ସି କୁଚିଣ୍ଡା



ଅତିଥିଙ୍କ ଗହଣରେ ଖେଳାଳି।

ସୁନ୍ଦରଗଡ,୨୧।୧୨(ଜୟ ନାରାୟଣ ମେଣ୍ଡୁଲି)

## ସୁନ୍ଦରଗଡ଼ କପ୍ ଫୁଟ୍‌ବଲ

ସ୍ଥାନୀୟ ଭବାନୀ ଭବନ ଷ୍ଟାଡିୟମରେ ଶୁକ୍ରବାରଠାରୁ ଚାଲିଥିବା ସୁନ୍ଦରଗଡ଼ କପ୍ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ମର୍ଣ୍ଣିଂଷ୍ଟାର ସୁନ୍ଦରଗଡ ଓ ବିଏଫସି କୁଚିଣ୍ଡା ଦଳ ସେମିଫାଇନାଲକୁ ଉନ୍ନିତ ହୋଇଛନ୍ତି। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥିଭାବେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ଦିନରେ ୮ଟି ଦଳ ସେପ୍ତିବହାଲ, ମର୍ଣ୍ଣିଂଷ୍ଟାର, ଲେଜଣ୍ଡ ଫିଫ୍ଟିନ, ଇଣ୍ଡିଆନ ଟାଇଗର, ଇଲିଭେନ୍ ଟାଇଗର, ବିଏଫସି କୁଚିଣ୍ଡା, ସମ୍ବଲପୁର ଏଫ୍‌ସି , ରାଉଡ଼ିଆ ବ୍ରଦର୍ ନେଇ ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମର୍ଣ୍ଣିଂ ଷ୍ଟାର ଓ ବିଏଫସି କୁଚିଣ୍ଡା ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ମ୍ୟାଚ୍‌କୁ କ୍ଲବ୍‌ର ସଭାପତି ପ୍ରସନ୍ନ ବରାଳ ଅନ୍ୟମାନଙ୍କ ମଧ୍ୟରେ ଶଶୀଭୂଷଣ ଭୂୟାଁ, ସତୀଶ ସ୍ୱର୍ଣ୍ଣକାର, ରାହୁଲ ପଣ୍ଡା, ରଜତ ଗୁରୁ, ପ୍ରିୟବ୍ରତ ପଟ୍ଟନାୟକ, ବୁଦ୍ଧିମନ୍ତ ପେଣ୍ଟେଇ, ସନ୍ତୋଷ ପ୍ରଧାନ, ମାନସ ସାଥୁଆ, ରବୀନ୍ଦ୍ର ଓରାମ, ରାଜେନ୍ କେରକେଟା, ପ୍ରଶାନ୍ତ ସା, ଦୀପକ ସା, ବାବୁଲୁ ମହାନ୍ତି, ଧିରଜ୍ ସାହୁ, ପ୍ରମୁଖ ସହଯୋଗ କରିଥିଲେ। ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅପରାହ୍ନ ୧୨ଟାରେ ବିରବିରା ଏଫସି ବନାମ ଗିରେଲଡୁଙ୍ଗରୀ ମଧ୍ୟରେ ହେବ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅପରାହ୍ନ ୩ଟାରେ ମର୍ଣ୍ଣିଂଷ୍ଟାର ବନାମ ବିଏଫସି କୁଚିଣ୍ଡା ମଧ୍ୟରେ ହେବ।

# ଓଲଟିଲା ସ୍କର୍ପିଓ: ବର୍ତ୍ତିଲେ ଯାତ୍ରୀ

ବନ୍ଧମୁଣ୍ଡା,୨୧।୧୨(ସୁବ୍ରତ ଦେ)

ରାଉରକେଲାରୁ ବିସ୍ରା ଅଭିମୁଖେ ଯାଉଥିବା ଏକ ସ୍କର୍ପିଓ ନିୟନ୍ତ୍ରଣ ହରାଇ ଶନିବାର ବନ୍ଧମୁଣ୍ଡା ଡି-ସେକ୍ଟରସ୍ଥିତ ମଶାଣି ନିକଟରେ ଓଲଟି ପଡ଼ିଥିଲା। ଚାଳକ ଏବଂ ଯାତ୍ରୀ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ସୂଚନାପାଇ ବନ୍ଧମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ସ୍କର୍ପିଓକୁ ଜବତ କରି ଥାନାକୁ ଆଣିବା ସହ ଘଟଣାର ତଦନ୍ତ କରୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସ୍କର୍ପିଓ ଦ୍ରୁତଗତିରେ ବିସ୍ରା ଆଡ଼କୁ ଯାଉଥିବାବେଳେ ପ୍ରଥମେ ବି- ସେକ୍ଟର ମୁଖ୍ୟ ରାସ୍ତାରେ ଏକ ଟେମ୍ପୋକୁ ଧକ୍କାଦେଇ ପଳାଇଥିଲା। ପରେ ଉକ୍ତ ସ୍କର୍ପିଓଟି ବନ୍ଧମୁଣ୍ଡା ଡି-କେବିନ୍‌ସ୍ଥିତ ମଶାଣି ନିକଟରେ ନିୟନ୍ତ୍ରଣ ହରାଇ ରାସ୍ତାରେ ଓଲଟି ପଡିଥିଲା।

# ହେମଗିରରେ ଯତ୍ରା ମହୋତ୍ସବ

ହେମଗିର,୨୧।୧୨(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ହାଇସ୍କୁଲ ପଡ଼ିଆରେ ଯତ୍‌ରା ମହୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ହେମଗିର ଶିବ ସାଗର ପୋଖରୀଠାରୁ କରମା ନୃତ୍ୟ, କୀର୍ତ୍ତନ ମାଧ୍ୟମରେ କଳସ ଶୋଭାଯାତ୍ରା ବାହାରିଥିଲା। ହେମଗିର ବିଡିଓ ବିଶ୍ୱନାଥ ସାହୁଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷ ପ୍ରେମାନନ୍ଦ ସା, ବିଇଓ କରୁଣା ସାଗର ପଟେଲ, ଜିଲା ପରିଷଦ ସଭ୍ୟ ମହିମା ସେଠ, ସହକାରୀ ନିର୍ବାହୀଯନ୍ତ୍ରୀ ଚିନ୍ମୟ କୁମାର ମିଶ୍ର, କଳାକୃଷ୍ଣ ଓରାମ, ସୁକାନ୍ତ ପତି, କାଶୀନାଥ ରାଉତ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲ। ଏହିଅବସରରେ ରଞ୍ଜନ କୁମାର ଚୌଧୁରୀ, ସଙ୍ଗୀତା ପାଢ଼ୀ ଓ ସୁବର୍ଣ୍ଣମୟୀ ଭୈଷାଲ ମଞ୍ଚ ପରିଚାଳନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ରିୟ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



# ପ୍ରଥମ ଦିନରେ ୪ କେନ୍ଦ୍ରରୁ ୭୧୯ କୁଇଣ୍ଟାଲ କିଣା

କୋଲାବିରା,୨୧।୧୨(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକରୁ ଶୁକ୍ରବାର ଧାନ କିଣା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅଞ୍ଚଳର ୪ଟି କେନ୍ଦ୍ରରୁ ୭୧ଜଣ ଚାଷୀଙ୍କଠାରୁ ୭୧୯ କୁଇଣ୍ଟାଲ ଧାନ କିଣାଯାଇଛି। ଫଳରେ ଚାଷୀଙ୍କ ମଧ୍ୟରେ ରହିଥିବା ସଂସୟ ଦୂର ହେବା ସହିତ ଆଶ୍ୱସ୍ତି ବୋଧ କରିଛନ୍ତି। ଜିଲାରେ ଗତ ୯ ତାରିଖଠାରୁ ଧାନ ମଣ୍ଡି ଖୋଲାଯାଇଥିଲେ ହେଁ କୌଣସି ଚାଷୀଙ୍କ ବସ୍ତାଏ ହେଲେ ଧାନ କିଣାଯାଇପାରି ନ ଥିଲା। ସବୁଠି ଏଫ୍ଏକ୍ୟୁ ମାନକୁ ନେଇ ସମସ୍ୟା ଦେଖାଦେଇଥିଲା। ଏହାକୁ ନେଇ ଚାଷୀକୂଳ ଏଫ୍ଏକ୍ୟୁ ମାନଦଣ୍ଡକୁ ସାମାନ୍ୟ କୋହଳ କରି ଧାନ କିଣାରେ ସହାୟକ ହେବା ପାଇଁ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅନୁରୋଧ କରାଯାଉଥିଲା। ସବୁ ସଂସୟ ବର୍ତ୍ତମାନ ଦୂର ହେବା ସହିତ ଧାନ କିଣା ଆରମ୍ଭ ହୋଇଛି। ଏଆର୍ସିଏସ୍ ବର୍ଣାଡ ଡିଓମିଙ୍ଗ ଲାକ୍ରା, ଆର୍ଏମ୍ସି କର୍ମଚାରୀ ଇଜାଜ ଖାନ, ଆର୍ଏମ୍ସି କ୍ୱାଲିଟି



**କୋଲାବିରା ବ୍ଲକରେ ଧାନକିଣା**

ଏଲାଲେସିଷ୍ଟ ସ୍ମୃତି ରଞ୍ଜନ ରାଏ, ଧାନକିଣା କମିଟି ସଭ୍ୟ ଅକ୍ଷୟ କୁମାର ନାଏକ, ନୋଡାଲ ଅଧିକାରୀ ଅରୁନି ପଟେଲ, ବୋର୍ଡ ସଭ୍ୟ ଗୌତୁମ କୁମୁରା, ସମ୍ପାଦକ ଦେବରାଜ କୁମୁରା ପ୍ରମୁଖ ଉପସ୍ଥିତ ଥିଲେ। କୋଲାବିରା ବ୍ଲକ ଅଞ୍ଚଳରୁ ୪ କେନ୍ଦ୍ରରୁ ୭୧୯ କୁଇଣ୍ଟାଲ ଧାନ କିଣାଯାଇଛି। ସୂଚନାଯୋଗ୍ୟ ଯେ, ଚଳିତ ଖରିଫ ବର୍ଷ ପାଇଁ ଜିଲାରେ ୩୨ଟି ପ୍ରାଥମିକ ସେବା ସମବାୟ ସମିତି ଓ ୨୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠି ତଥା ୪ଟି ଅତିରିକ୍ତ କ୍ରୟ କେନ୍ଦ୍ରରେ ଚାଷୀ ଧାନ ବିକ୍ରୟ କରିପାରିବେ। ଏଥି ନିମନ୍ତେ ସେବା ସମବାୟ ସମିତି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ନିର୍ଦ୍ଧାରିତ ଦିବସରେ ଧାନ କିଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସପ୍ତାହର ଗୁରୁବାର, ରବିବାର ତଥା ସରକାରୀ ଛୁଟି ଦିବସରେ ଧାନକ୍ରୟ ବନ୍ଦ ରହିବ ବୋଲି କୁହାଯାଇଛି।

## କିଶୋର ମହାନ୍ତି ମେମୋରିଆଲ ନକ୍ ଆଉଟ କ୍ରିକେଟ ଉଦ୍‌ଘାଟିତ

ବ୍ରଜରାଜନଗର,୨୧।୧୨(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ଓପିଏ ଏମ୍ ଖେଳ ପଡିଆରେ ବ୍ରଜରାଜନଗର କିଶୋର୍ ମହାନ୍ତିଙ୍କ ଅନୁଗତଙ୍କ ଦ୍ୱାରା ପ୍ରଥମ ନକ ଆଉଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ଅମ୍ବିସନ୍ କ୍ଲବ ଓ ଇବ୍ ଭ୍ୟାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଅମ୍ବିସନ୍ କ୍ଲବ ବିଜୟୀ ହୋଇଥିଲା। ରବୀନ୍ଦର ସିଂ. ଅବତାର ସିଂ, ଅଶୋକ ପ୍ରଧାନ, ଅନିରୁଦ୍ଧ କେ ୱାଟ୍, କୁଳମଣି ଦାସ, ଗୋବିନ୍ଦା ସାହୁ ପ୍ରମଖ ସହାୟତା ପ୍ରଦାନ କରିଥିଲେ। ଅୟୋଜିତ କାର୍ଯ୍ୟକ୍ରମରେ ବ୍ରଜରାଜନଗର ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ୍ ମୁଖ୍ୟଅତିଥି, ଓଡ଼ିଶା ହକି ଆସୋସିଏଶନ୍ ଉପସଭାପତି ଜୀବନ୍ ମହାନ୍ତି, ଝାରସୁଗୁଡ଼ା କ୍ରିକେଟ ଆସୋସିଏଶନ୍ ସଭାପତି ପ୍ରଜ୍ଜଳ ପଟେଲ, ସାମାଜିକ କର୍ମୀ ଅଜିତ କୁମାର ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଦୁର୍ଘଟଣାରେ ମୃତକଙ୍କ ସ୍ତ୍ରୀ ପାଇଲେ ଅନୁକମ୍ପା ରାଶି

ଝାରସୁଗୁଡ଼ା,୨୧।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଝିଲପାଲି ଗ୍ରାମରେ ଗତ ଏପ୍ରିଲରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଅର୍ଜୁନ ଛଞ୍ଆଣ(୫୨)ଙ୍କ ସ୍ତ୍ରୀଙ୍କୁ ଶନିବାର ଅନୁକମ୍ପା ରାଶି ପ୍ରଦାନ କରାଯାଇଛି। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଚେଷ୍ଟାରେ ଦୁର୍ଘଟଣାର ୮ ମାସ ପରେ ଅନୁକମ୍ପା ରାଶି ପାଇଛନ୍ତି। ଝିଲପାଲିର ଅର୍ଜୁନଙ୍କ ଗତ ଏପ୍ରିଲରେ ଏକ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଥିଲା। ମୃତକଙ୍କ ସ୍ତ୍ରୀ ଜନକ ଛଞ୍ଆଣ ଅନୁକମ୍ପା ରାଶି ପାଇଁ କୋଲାବିରା ତହସିଲଦାର, ବିଡିଓଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଗତ ୧୯ ତାରିଖରେ କୋଲାବିରା ବ୍ଲକରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ବେଳେ ଜନକ ଏହି ଅଭିଯୋଗ ଜଣାଇଥିଲେ। ବିଧାୟକ ରାଜ୍ୟ ପରିବହନ ନିର୍ଦ୍ଦେଶକଙ୍କୁ ଏହି ଘଟଣା ବିଷୟରେ ଅବଗତ କରାଇ ତୁରନ୍ତ ସମାଧାନ ପାଇଁ କହିଥିଲେ। ଶନିବାର ରାଜ୍ୟ ପରିବହନ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ଜନକଙ୍କ ବ୍ୟାଙ୍କ ଖାତାକୁ




୨ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯାଇଛି। ଗରିବ ବିଧବା ଜନକ ଏହି ରାଶି ତାଙ୍କର ବହୁତ କାର୍ଯ୍ୟରେ ଆସିବ କହି ବିଧାୟକଙ୍କୁ ଧନ୍ୟବାଦ ଦେଇଛନ୍ତି। ବିଧାୟକଙ୍କ ପ୍ରଚେଷ୍ଟାରେ ଏହି ଟଙ୍କା ମୃତକଙ୍କ ପରିବାର ପାଇଲେ ବୋଲି ଜିଲା ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଠି କହିଛନ୍ତି।

# ଓରିଏଣ୍ଟ ପେପର ମିଲ୍ ଖୋଲିବାକୁ ଦାବିପତ୍ର



ବ୍ରଜରାଜନଗର,୨୧।୧୨(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳ ଥିବା ଓରିଏଣ୍ଟ କାଗଜ କଳ ଦୀର୍ଘ ୨୫ବର୍ଷ ହେବ ବନ୍ଦ ପଡିଛି। ଗତ ଦିନରେ ବିଭିନ୍ନ ସମୟରେ ଅନେକ ନେତାମାନେ ଆସି ଓରିଏଣ୍ଟ କାଗଜ କଳ ଖୋଲିବାର ମିଥ୍ୟା ପ୍ରତିଶ୍ରୁତି ଦେଇଛନ୍ତି। ଗତ କିଛି ଦିନ ହେବ ମିଲ୍ ଭିତରେ ଥିବା ମୂଲ୍ୟବାନ୍ ସମାଗ୍ରୀ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ମିଲ୍ ଭିତରୁ ଲୁହା ଓ ଅଦରକାରୀ ସମାଗ୍ରୀ ନେବା ପାଇଁ ଟେଣ୍ଡର ପ୍ରକ୍ରିୟାରେ ଉଲ୍ଲେଖ ରହିଥିବା ବେଳେ ଠିକାଦାର ମିଲ୍ ପଦାଧିକାରୀଙ୍କ ସହିତ ସାଲିସ୍ କରି ମିଲ୍ ଭିତରେ ଥିବା ମୂଲ୍ୟବାନ୍ ଯନ୍ତ୍ରାଂଶ କାଟି ରାତାରାତି ପାର କରୁଛି। ବ୍ରଜରାଜନଗର ଉନ୍ନୟନ ସମିତି ଏହାକୁ ବିରୋଧ କରି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମିତି ସଭ୍ୟା ସଂଗୀତା ସୁନାଙ୍କ ନେତୃତ୍ୱରେ ମହିଳାମାନେ ମିଲ୍ ଗେଟ୍ ଯାଇ ଲୋଡ୍ ଥିବା ଗାଡିକୁ ଅଟକାଇଥିଲେ। ପରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କୁ ଜଣାଇଥିଲେ। ମନ୍ତ୍ରୀ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ପୋଲିସ ପ୍ରଶାସନକୁ ଜଣାଇଥିଲେ। ଏବେ ଲୋଡିଂ ବନ୍ଦ ରହିଛି। ଉନ୍ନୟନ ସମିତି ଅଭିଯୋଗ ଅନୁଯାଇ ମିଲ୍ ସମସ୍ତ ଯନ୍ତ୍ରାଂଶ ବାହାର କରି ପୁନଃ ମିଲ୍ ଚାଲୁ କରାଯାଉ ନ ଚେତ୍ ମିଲ୍ ଅଧୀନରେ ଲିଜ୍ ସୂତ୍ରରେ ଥିବା ୯୩୬ ଏକର ଜମିକୁ ସରକାର ହାତକୁ ନିଅନ୍ତୁ। ସେହି ଜାଗାରେ ଅନ୍ୟ ଯେ କୌଣସି ଶିଳ୍ପ ପ୍ରତିଷ୍ଠା କରାଗଲେ ଅଞ୍ଚଳବାସୀ ଉପକୃତ ହୋଇ ପାରିବେ।

# ୨୩ରୁ ୩୪ତମ ସର୍ବଭାରତୀୟ 'ବାମଣ୍ଡା କପ୍' କ୍ରିକେଟ ଟୁର୍ନାମେଣ୍ଟ

ଦେବଗଡ଼,୨୧।୧୨(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଆସନ୍ତା ୨୩ ତାରିଖରୁ ଆରମ୍ଭ ହେବ ୩୪ତମ ସର୍ବଭାରତୀୟ 'ବାମଣ୍ଡା ଟୁର୍ନାମେଣ୍ଟ। ଏଥିପାଇଁ ଆୟୋଜକ ବାମଣ୍ଡା କ୍ରିକେଟ କ୍ଲବ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବସନ୍ତ ନିବାସ ଡାକବଙ୍ଗଳାଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ 'ବାମଣ୍ଡା କପ୍' କ୍ରିକେଟ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। କ୍ଲବ ଉପସଭାପତି ଇଂ. ସୁଜିତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ କ୍ଲବ ସମ୍ପାଦକ ସତ୍ୟ ନାରାୟଣ ପାଣି, ଉପଦେଷ୍ଟା ନବୀନ କୁମାର ପାଣି, ମୋତିଲାଲ ଶର୍ମା, ପ୍ରଭାତ କୁମାର ପ୍ରଧାନ ପ୍ରମୁଖ




'ବାମଣ୍ଡା କପ୍' କ୍ରିକେଟ ଟୁର୍ନାମେଣ୍ଟ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଯୋଗଦେଇ ପ୍ରତିଯୋଗିତାର ରୂପରେଖ ସମ୍ପର୍କରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସବିଶେଷ ସୂଚନା ପ୍ରଦାନ କରିଥିଲେ। ସୂଚନା ଅନୁଯାୟୀ ୨୩ ତାରିଖରେ ଉଦଘାଟନୀ ତଥା ଗ୍ରୁପ 'ଏ'ର ପ୍ରଥମ ମ୍ୟାଚ ସୁନ୍ଦରଗଡ଼ ଜିଲା କ୍ରିକେଟ ଅସୋସିଏଶନ ଓ କଟକର ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ହେବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ ୨୪ରେ ସମ୍ବଲପୁରର ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ ସହିତ ଖୋର୍ଦ୍ଧା ରୋଡ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଅନୁଷ୍ଠିତ ହେବ । ୨୫ ତାରିଖରେ ପ୍ରଥମ ସେମିଫାଇନାଲ ମ୍ୟାଚ ପ୍ରଥମ ଓ ଦ୍ୱିତୀୟ ମ୍ୟାଚର ବିଜେତା ଦଳ ମଧ୍ୟରେ ଅନୁଷ୍ଠିତ ହେବ। ୨୬ ତାରିଖରେ ଗ୍ରୁପ 'ବି' ର ପ୍ରଥମ ମ୍ୟାଚ ଆୟୋଜକ ବାମଣ୍ଡା କ୍ରିକେଟ କ୍ଲବ ଓ ରାଞ୍ଚିର ସେରସା ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ ୨୭ରେ କଟକର ଜୁଭେନାଇଲ ଓ ଧାନବାଦର ମେକାନ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ। ୨୮ ତାରିଖରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଗ୍ରୁପ 'ବି' ପ୍ରଥମ ଓ ଦ୍ୱିତୀୟ ମ୍ୟାଚ୍‌ର ବିଜେତାଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ୨୯ ତାରିଖରେ ଉଦ୍‌ଯାପନୀ ତଥା ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସମ୍ମିଳନୀରେ କ୍ଲବ ପକ୍ଷରୁ ସୂଚନା ଦିଆଯାଇଥିଲା। କ୍ଲବ କୋଷାଧ୍ୟକ୍ଷ ମୋତିଲାଲ ଶର୍ମା ଧନ୍ୟବାଦ ଦେଇଥିଲେ।



